


## ସଂକ୍ଷେପରେ

### ବିଶ୍ୱ ଐତିହ୍ୟ ଦିବସ ପାଳିତ



**ବାରିପଦା ଅଫିସ,୧୯।୪:** ସ୍ଥାନୀୟ ବିଦ୍ୟାଭାରତୀ ପରିସରରେ ନାସା ଫାଉଣ୍ଡେସନ ପକ୍ଷରୁ ଗୁରୁବାର ବିଶ୍ୱ ଐତିହ୍ୟ ଦିବସ ପାଳିତ ହୋଇଯାଇଛି। ଫାଉଣ୍ଡେସନର ସଭାପତି ଡ.ସରୋଜ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଟିକମ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଭାରତ ଶିକ୍ଷାରତ୍ନ ଅମିତାଭ ମିଶ୍ର ଏବଂ ସମ୍ମାନନୀୟ ଅତିଥି ଭାବେ ଅମରେଶ ଷଡଙ୍ଗୀ ଯୋଗଦେଇ ବିଶ୍ୱ ଐତିହ୍ୟ ଦିବସର ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ବିବେକାନନ୍ଦ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଅଧ୍ୟାପକ ବିବେକାନନ୍ଦ ଗିରି ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଶାଳଗଣ୍ଡି ବୋଝେଇ ପିକ୍‌ଅପ୍ ଜବତ, ଚାଳକ ଗିରଫ

**ବେତନଟୀ, ୧୯।୪ (ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ବେତନଟୀ ବନ ବିଭାଗ ବନାଞ୍ଚଳ ଅଧୀନ ସରବଣା ଗ୍ରାମ ନିକଟରେ ଶୁକ୍ରବାର ଚଢାଉ କରି ଏକ ଶାଳଗଣ୍ଡି ବୋଝେଇ ପିକଅପ ଭ୍ୟାନ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ଗିରଫ ଚାଳକ ହେଲେ ସଂଗ୍ରାମ କେଶରୀ ଦାସ (୨୩)। ତାଙ୍କ ଘର ବାଲେଶ୍ୱର ଜିଲା ଛଣପୁର ନିକଟ ବାର୍ଛିଖୁଣ୍ଟା ଗ୍ରାମରେ। ପିକ୍‌ଅପ୍ ଭ୍ୟାନରେ ମୋଟ ୨୨ଟି ଶାଳ ଗଣ୍ଡି ରହିଥିଲା। କୌଣସି ସୂତ୍ରରୁ ଖବର ପାଇ ବେତନଟୀ ବନାଞ୍ଚଳ ଅଧିକାରୀ ଘନଶ୍ୟାମ ସିଂ ନିର୍ଦ୍ଦେଶ ଦେବା ପରେ ବେତନଟୀ ବନପାଳ ସୁଶାନ୍ତ ବାଗ୍, ଡେପୁଟି ରେଞ୍ଜର ରାଜେଶ୍ ମହାକୁଡ ସଦଳବଳ ଚଢାଉ କରି ଭ୍ୟାନ୍‌ଟିକୁ ଜବତ କରିଥିଲେ। ଏନେଇ ବନ ବିଭାଗ ପକ୍ଷରୁ ଏକ ମାମଲା (ନଂ ୮/୨୦୧୯) ରୁଜୁ କରାଯାଇଛି।

# 'ସଂସ୍କୃତି ସଚେତନ ହେବାର ବେଳ ଆସିଛି'

**ବାରିପଦା ଅଫିସ,୧୯।୪**

ବର୍ତ୍ତମାନର ଅବକ୍ଷୟମୁଖୀ ସମାଜରେ ସମସ୍ତେ ସଂସ୍କୃତି ଓ ପରମ୍ପରାର ସୁରକ୍ଷା ନିମନ୍ତେ ସଚେତନ ହେବା ଆବଶ୍ୟକ। ଭାଇଚାରା ବଜାୟ ରହିଲେ ପରମ୍ପରା ଉଦଜୀବିତ ହୋଇପାରିବ ବୋଲି ବାରିପଦାର ବାବା ବୁଢାରାଉଳ ମଠ ନିକଟସ୍ଥ ବୁଢାବଳଙ୍ଗ, ଚିପଟ ଓ ଇଟାଯୋଡି ନଦୀର ସଂଗମ ସ୍ଥଳରେ ଗୁରୁବାର ରାଜ୍ୟସ୍ତରୀୟ ବଳାଙ୍ଗୀ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି।

ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ବରିଷ୍ଠ ଖବରଦାତା ସୌରଭ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି, ଆର୍ଯ୍ୟନ ଇଣ୍ଟର ନ୍ୟାସନାଲ ସ୍ମାର୍ଟ ସ୍କୁଲର ନିର୍ଦ୍ଦେଶିକା ମୂର୍ଚ୍ଛନା ଦାସ ପଟ୍ଟନାୟକ, ଇଂ ବିଶେଶ୍ୱର ଟୁଡୁ, ପ୍ରତିଜ୍ଞା ନିଶା ନିବାରଣ କେନ୍ଦ୍ରର ଅଧକ୍ଷ ଅବନୀ କୁମାର ପତି, ମିଡିଆ କ୍ରିଏସନର ନିର୍ଦ୍ଦେଶକ ବଳରାମ ବେହେରା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ତିନୋଟି ନଦୀର ମିଳନ ସ୍ଥଳରେ ଆୟୋଜିତ ବଳାଙ୍ଗୀ ମହୋତ୍ସବ ସଂସ୍କୃତି ଓ ପରମ୍ପରାର ସୁରକ୍ଷା ପାଇଁ ଲୋକଙ୍କୁ ବାର୍ତ୍ତା ଦେଇ ଆସୁଛି। ଏଭଳି ଉତ୍ସବ ସାରା ଓଡିଶାରେ ନିଆରା ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ବଳାଙ୍ଗୀ ମହୋତ୍ସବର ବାର୍ଷିକ ସ୍ମରଣିକା ଏବଂ ସାଗରିକା ମହାନ୍ତିଙ୍କ ରଚିତ କବିତା ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଶିକ୍ଷକ ବିପ୍ଳବ କୁମାର କର, ଖବରଦାତା ରବିନାରାୟଣ ଚଲାନ୍, ଅବସରପ୍ରାପ୍ତ ବ୍ୟାଙ୍କ ପ୍ରଶିକ୍ଷକ ପ୍ରଦୀପ କୁମାର ରାଉତ, ଶିକ୍ଷାବିତ ଇଂ ପ୍ରଭଞ୍ଜନ ରାଉତ, କବୟିତ୍ରୀ ସାଗରିକା ମହାନ୍ତି, ସମାଜିକ କର୍ମୀ ରୋହିତ ପୃଷ୍ଟି, ଝୁମର ବିଶାରଦ ସୌରୀବନ୍ଧୁ ମହାନ୍ତ, କଳାସଂସ୍କୃତି ସଂଗଠକ ଲଳିତ କୁମାର ମହାନ୍ତ, ସଙ୍ଗୀତ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ପାତ୍ର, ଓକିଲ କୃଷ୍ଣ ଚନ୍ଦ୍ର ଶତପଥୀ ପ୍ରମୁଖଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବଳାଙ୍ଗୀ ସେନାର ସଂସ୍କୃତି ସୈନିକମାନଙ୍କୁ ସ୍ୱତନ୍ତ୍ର ଭାବେ ପ୍ରମାଣପତ୍ର ପ୍ରଦାନ କରାଯିବା ସାଙ୍ଗକୁ ବଳାଙ୍ଗୀ ଟାଲେଣ୍ଟ ହଣ୍ଟର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। କୃତୀ ଶିକ୍ଷକ ଡଃ ଶଶିଧର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଏହି ଉତ୍ସବ ଲାଗି ଆୟୋଜିତ ସାଂସ୍କୃତିକ ଜାଗରଣ ଯାତ୍ରା ୩ଦିନ ଧରି ସାରାଜିଲା ପରିକ୍ରମା କରିଥିଲା। ବଳାଙ୍ଗୀ ମହୋତ୍ସବରେ ମୟୂରଭଞ୍ଜର ପ୍ରସିଦ୍ଧ ଲୋକନୃତ୍ୟ ଝୁମର, ଆଦିବାସୀ ନୃତ୍ୟ ସମେତ ବିଭିନ୍ନ ସାଂସ୍କୃତିକ ଦଳର ନୃତ୍ୟ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା। ଇଂ ପଦ୍ମନାଭ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବଳାଙ୍ଗୀ ମହୋତ୍ସବ କମିଟିର କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକଙ୍କ ନେତୃତ୍ୱରେ ବଳାଙ୍ଗୀ ସେନାର ସଭାପତି କୁମାରେଶ ନାୟକ, ସମ୍ପାଦକ ମିଥୁନ ବାରିକ, ସଂସ୍କୃତି ସୈନିକ ସନତ ବାରିକ, ଦିଲ୍ଲିପ ପାତ୍ର, ରମାକାନ୍ତ ରାଉତ, ଲୋକେଶ୍ୱର ଭଞ୍ଜ, ମନୋରଞ୍ଜନ ବାରିକ ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଗତ ୧୪ ତାରିଖ ସନ୍ଧ୍ୟାରେ ଏହି ମହୋତ୍ସବ ଉଦଘାଟିତ ହୋଇଥିଲା।



ରାଜ୍ୟସ୍ତରୀୟ ବଳାଙ୍ଗୀ ମହୋତ୍ସବରେ ଅତିଥିମାନେ ବାର୍ଷିକ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

**ବଳାଙ୍ଗୀ ମହୋତ୍ସବ-ଉଦ୍‌ଯାପିତ**

- ଟାଲେଣ୍ଟ ହଣ୍ଟର ବିଜେତାଙ୍କ ସମେତ ବିଭିନ୍ନ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା
- ସାଂସ୍କୃତିକ ଜାଗରଣ ଯାତ୍ରାର ଜିଲା ପରିକ୍ରମା
- ଲୋକନୃତ୍ୟ ଝୁମର, ଆଦିବାସୀ ନୃତ୍ୟ ମନ ମୋହିଲା

### ଜାତୀୟ ରାଜପଥ କଡ଼ରୁ କାଠଗଣ୍ଡି ଚୋରି, ଜଣେ ଗିରଫ

**ବେତନଟୀ, ୧୯।୪ (ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ବେତନଟୀ ବନାଞ୍ଚଳ କେସିପୁର ବନପାଳଙ୍କ କାର୍ଯ୍ୟାଳୟ ଅଧୀନ ତଥା କେସିପୁର ପୋଲିସ୍ ଫାଣ୍ଡି ସମ୍ମୁଖସ୍ଥ ୧୮ନଂ ଜାତୀୟ ରାଜପଥ ପାର୍ଶ୍ୱରେ କଟା ହୋଇ ପଡିଥିବା କାଠଗଣ୍ଡିକୁ ଚୋରି କଲା ବେଳେ ବନ ବିଭାଗ ପକ୍ଷରୁ ଚଢାଉ କରି ବିଜୟ ସିଂ (୩୨) ନାମକ ଜଣେ ଯୁବକକୁ ଗିରଫ କରିଛି। ଜାତୀୟ ରାଜପଥ ପ୍ରଶସ୍ତୀକରଣ ପାଇଁ ନିକଟରେ କେତେକ ଶାଗୁଆନ ଗଛ କଟା ଯାଇଥିଲା। ଶୁକ୍ରବାର ୪ ରୁ ୫ ଜଣ ଯୁବକ ପଡିଥିବା କେତେକ କାଠଗଣ୍ଡିକୁ ଚୋରାଇ ନେଉଥିଲେ। ଖବରପାଇ କେସିପୁର ବନପାଳ ଲକ୍ଷ୍ମୀକାନ୍ତ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଚଢାଉ କରିଥିଲା। ୪ ଜଣ ଯୁବକ ଖସି ପଳାଇଥିବା ବେଳେ ଅଭିଯୁକ୍ତ ବିଜୟ ବନ ବିଭାଗ ହାତରେ ଧରା ପଡିଥିଲା। କାଠଗଣ୍ଡିକୁ ବନ କର୍ମଚାରୀ ମାନେ ଜବତ କରିଛନ୍ତି। ଗିରଫ ଅଭିଯୁକ୍ତଙ୍କ ଘର ବେତନଟୀ ବ୍ଲକ ଅଧୀନ ନୂଆଗାଁ ଗ୍ରାମରେ ବୋଲି ଜଣାପଡିଛି।

# ପଞ୍ଚାୟତସ୍ତରରେ ବିଜେଡିର ଗର୍ଜନ ସମାବେଶ



ଗର୍ଜନ ସମାବେଶରେ ବିଜେଡି କର୍ମୀ।

**ଉଦଳା,୧୯।୪(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଅଧୀନରେ ଥିବା ଶ୍ରୀଦାମଚନ୍ଦ୍ରପୁର ପଞ୍ଚାୟତରେ ବିଜେଡି ପକ୍ଷରୁ ଶୁକ୍ରବାର ଗର୍ଜନ ସମାବେଶ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତରେ ଥିବା ୧୨ ୱାର୍ଡ ଏବଂ ୬ ଟି ବୁଥ୍‌ର ଶତାଧିକ ମହିଳା ପୁରୁଷ ଏହି ସମାବେଶରେ ଯୋଗ ଦେଇଥିଲେ। ଦଳର କର୍ମୀମାନେ ବାଇକ ଶୋଭାଯାତ୍ରାରେ ପଞ୍ଚାୟତ ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲେ। ପୂର୍ବତନ ଜିଲା ପରିଷଦ ସଦସ୍ୟ ଯୁଗଳ କିଶୋର ମୁର୍ମୁଙ୍କ ନେତୃତ୍ୱରେ ଆୟୋଜିତ ଏହି ସଭାରେ ଗାଙ୍ଗୁ ପାଢୀ, ସୁବଳ ବାନାର୍ଜୀ, ଉଦଳା ବଣିକ ସଂଘର ପୂର୍ବତନ ସଭାପତି ସୋମନାଥ ସାହୁ, ପ୍ରଦୀପ ବେହେରା ପ୍ରମୁଖ ଯୋଗ ଦେଇ ବିଜେଡି ସରକାରଙ୍କର ଜନହିତକର କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରି କେନ୍ଦ୍ରରେ ମୋଦି ସରକାର ୨୦୧୪ ନିର୍ବାଚନରେ ପ୍ରତିଶ୍ରୁତି ଦେଇ ସାଧାରଣ ଜନତାଙ୍କୁ ଠକିଥିବା ଅଭିଯୋଗ କରିଥିଲେ। ଉଦଳା ନିର୍ବାଚନମଣ୍ଡଳୀର ବିଜେଡ ପ୍ରାର୍ଥୀ ଶ୍ରୀନାଥ ସୋରେନ୍‌ଙ୍କୁ ନିର୍ବାଚନରେ ଜିତାଇବା ଲାଗି ସମସ୍ତେ ସଂକଳ୍ପ ନେଇଥିଲେ। ଭାଜପା ଛାଡି ବିଜେଡିରେ ଯୋଗଦେଇଥିବା ଯୁବନେତା ଗଜେନ୍ଦ୍ର ବାସ୍କେ ଗର୍ଜନ ସମାବେଶରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଘନଶ୍ୟାମ ମହାନ୍ତ, ବାବୁଲା ଟୁଡୁ, ମନୋଜ ସୋରେନ୍, ରାଇସେନ୍ ବାସ୍କେ, ସନ୍ତୋଷ କୁମାର ହାଁସଦା, କାର୍ତ୍ତିକ ମାରାଣ୍ଡି, ମୁକ୍ତିକାନ୍ତ ମାରାଣ୍ଡି, ଗୋପୀନାଥ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ।

# ଖର୍ଚ୍ଚ ତଦାରଖ ଲାଗି ୫ ପର୍ଯ୍ୟବେକ୍ଷକ ନିୟୋଜିତ

**ବାରିପଦା ଅଫିସ,୧୯।୪**

- ଶାନ୍ତିଶୃଙ୍ଖଳା ତଦାରଖ କରିବେ ଜଣେ ପୋଲିସ ପର୍ଯ୍ୟବେକ୍ଷକ
- ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉପରେ ଗୁରୁତ୍ୱ

ଭାରତର ନିର୍ବାଚନ କମିଶନଙ୍କ ପକ୍ଷରୁ ମୟୂରଭଞ୍ଜ ଜିଲାରେ ଚଳିତ ସାଧାରଣ ନିର୍ବାଚନ କାର୍ଯ୍ୟ ତଦାରଖ ଲାଗି ଜଣେ ପୋଲିସ ପର୍ଯ୍ୟବେକ୍ଷକ ଏବଂ ପ୍ରାର୍ଥୀଙ୍କ ଖର୍ଚ୍ଚ ଅନୁଧ୍ୟାନ ଲାଗି ଅନ୍ୟ ୫ ଜଣ ପର୍ଯ୍ୟବେକ୍ଷକ ନିୟୋଜିତ ହୋଇଛନ୍ତି। ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହରେ ଆୟୋଜିତ ଏକ ବୈଠକରେ ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଓ ଆକାଉଣ୍ଟ ଟିମର ଭୂମିକା ଓ ଦାୟିତ୍ୱ ଉପରେ ଆଲୋଚନା କରାଯିବା ସହ ରିଟର୍ଣ୍ଣିଂ ଅଫିସର ଏବଂ ଖର୍ଚ୍ଚ ତଦାରଖ କମିଟିର ନୋଡାଲ ଅଧିକାରୀଙ୍କ ମଧ୍ୟରେ କିଭଳି ସମନ୍ୱୟ ରକ୍ଷାକରି କାର୍ଯ୍ୟ କରାଯିବ ସେନେଇ ଆଲୋକପାତ କରାଯାଇଥିଲା। ଫ୍ଲାଇଙ୍ଗ ସ୍କ୍ୱାର୍ଡ ଓ ଷ୍ଟାଟିକ ସର୍ଭେଲିଆନ ଓ ଭିଡିଓ ଟିମ୍ ଦ୍ୱାରା ଉଠାଯାଇଥିବା ଭିଡିଓ ଫୁଟେଜକୁ ଆଧାର କରି ଖର୍ଚ୍ଚ ଆକଳନ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା।

ମୟୂରଭଞ୍ଜ ଜିଲାରେ ପୋଲିସ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ନେଇଥିବା ଆଇପିଏସ ହିରେମଥ ସୁଧିରି କଲିୟା ମୟୂରଭଞ୍ଜ ଲୋକସଭା ନିର୍ବାଚନମଣ୍ଡଳୀ ଅଧୀନ ୭ ବିଧାନସଭା ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ପରିଚାଳନା ବେଳେ ନିରାପତ୍ତା ଓ ଶାନ୍ତି ଶୃଙ୍ଖଳା ରକ୍ଷା ବ୍ୟବସ୍ଥା କାର୍ଯ୍ୟ ତଦାରଖ କରିବେ। ଖର୍ଚ୍ଚ ତଦାରଖ ଦାୟିତ୍ୱରେ ଥିବା ପର୍ଯ୍ୟବେକ୍ଷକ ଅମାନ ମିତଲ ମୟୂରଭଞ୍ଜ ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଯଶିପୁର, ସାରସକଣା, ରାଇରଙ୍ଗପୁର, ବାଙ୍ଗିରିପୋଷି, ଉଦଳା, ବାରିପଦା ଓ ମୋରଡା ବିଧାନସଭା ନିର୍ବାଚନମଣ୍ଡଳୀ ଦାୟିତ୍ୱ ତୁଲାଇବେ। ସେହିପରି ପର୍ଯ୍ୟବେକ୍ଷକ ଦୁର୍ଗେସ ସାଲୁଙ୍କେ ବାଙ୍ଗିରିପୋଷି, ଉଦଳା, ବାରିପଦା ଓ ମୋରଡା ବିଧାନସଭା ମଣ୍ଡଳୀ ଏବଂ ମନମୋହନ ବି.ଆରଙ୍କୁ ଯଶିପୁର, ସାରସକଣା ଓ ରାଇରଙ୍ଗପୁର ବିଧାନସଭା ମଣ୍ଡଳୀ ଦାୟିତ୍ୱରେ ଥିବା ବେଳେ ବଡସାହି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଶଶି କାଜଲି ଏବଂ କରଞ୍ଜିଆ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଇମଲିମେରେନ ଜମିର ଦାୟିତ୍ୱରେ ରହଛନ୍ତି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାବଳୀକୁ ଦୃଷ୍ଟିରେ ରଖି ଆଦର୍ଶ ଆଚରଣ ବିଧି ପାଳନକୁ କଡାକଡି କରିବା ଉପରେ ଏହି ପର୍ଯ୍ୟବେକ୍ଷକମାନେ ଗୁରୁତ୍ୱାରୋପ କରିଛନ୍ତି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁଯାୟୀ ସେମାନେ ସମସ୍ତ ପର୍ଯ୍ୟବେକ୍ଷକମାନେ ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ଜିଲାରେ ରହି କାର୍ଯ୍ୟ ତଦାରଖ କରିବେ। ନିର୍ବାଚନ ସଂକ୍ରାନ୍ତରେ ଲୋକେ ସଂପୃକ୍ତ ପର୍ଯ୍ୟବେକ୍ଷକଙ୍କୁ ଆପତ୍ତି ଅଭିଯୋଗ ଜଣାଇପାରିବେ ବୋଲି କୁହାଯାଇଥିଲା। ବୈଠକରେ ପର୍ଯ୍ୟବେକ୍ଷକଙ୍କ ସହ ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ, ନିର୍ବାଚନ ବ୍ୟୟ ଓ ନରୀକ୍ଷଣ ହିସାବ କମିଟି ଏବଂ ଏମସିଏସସି କମିଟିର ନୋଡାଲ ଅଧିକାରୀମାନେ ଉପସ୍ଥିତ ଥିଲେ।



AUTHORISED DISTRIBUTORS: BIJAY SALES - KEONJHAR - 6370492015, DEALERS: DYNAMIC ENTERPRISES - BARBIL - 9777206298, BINOY DISTRIBUTOR - JASHIPUR - 9938262196, JANATA AGENCY - JASHIPUR - 9437161250, DIGITAL WORLD - BARBIL - 8908733392, GAYATRI FURNITURE - DHENKIKOTE - 9853160257, PADMALYA ELECTRONICS - HARICHANDANPUR - 9937074427, SAHOO ELECTRONICS-JHUMPURA-9938943423, SHANKARSTORE-KARANJIA-9937074392, ANTARIXYADIGITALWORLD-KEONJHAR-8018564069, OMM STEEL & FURNITURE - RAIRANGPUR - 9437321172, AEROVISION - BARIPADA - 9861828643, BASUDEV ELECTRONICS - BALASORE - 9437122688, GITANJALI DISTRIBUTORS - BALASORE - 9438354999, AMARNATH ENTERPRISES - BHADRAK - 9861828643, KONARK ENTERPRISES - BHADRAK - 9437191863, AROBINDA ENTERPRISES - SORO - 9439400770, PAL MARKETING - THANA CHHAK - 7205387332, CHAKADOLA ELEC. - UDALA - 9776224456, ASM WESTERN ODISHA-ARABINDA- 7381541721, ASM COSTAL ODISHA-SANTOSH- 7381054899.

## ସଂକ୍ଷେପରେ

### କଂଗ୍ରେସ ପକ୍ଷରୁ ବନ୍ଧୁମିଳନ କାର୍ଯ୍ୟକ୍ରମ

**ରେମୁଣା, ୧୯।୪(ଡି.ଏନ.ଏ.):** ରେମୁଣା କଂଗ୍ରେସ ପକ୍ଷରୁ ବନ୍ଧୁମିଳନ କାର୍ଯ୍ୟକ୍ରମ ମନ୍ଦିର ଛକ ନିକଟ ହନୁମାନ କଲ୍ୟାଣ ମଣ୍ଡପଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ପୂର୍ବତନ ସରପଞ୍ଚ ଲକ୍ଷ୍ମୀକାନ୍ତ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଂଗ୍ରେସର ଇସ୍ତାହାର, ବେକାରୀ ସମସ୍ୟା, କୃଷକଙ୍କୁ ସହାୟତା ଏବଂ ସ୍ଥାନୀୟ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେ ମତାମତ ଗ୍ରହଣ କରାଯାଇଥିଲା। ପର୍ଯ୍ୟବେକ୍ଷକ ଘନଶ୍ୟାମ ଯାଦବ, ଚନ୍ଦନ କୁମାର ରାଏ, ସୌରଭ ଘୋଷ, ରୁପେନ ସାହାଙ୍କ ସମେତ ସନାତନ ବିଶ୍ୱାଳ, ବିକାଶ କୁମାର ଦାସ, ଜିଲା କିଷାନ କଂଗ୍ରେସ ସଭାପତି ନିରଞ୍ଜନ ବେହେରା ପ୍ରମୁଖ ଯୋଗଦେଇଥିଲେ। ବିଧାୟକ ପ୍ରାର୍ଥୀ ପ୍ରତାପ ସେଠୀ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ କ୍ଷୁଦ୍ର ନାଟକ ମଞ୍ଚସ୍ଥ ହୋଇଥିଲା।

### ଭାଜପାର ମିଶ୍ରଣ ପର୍ବ



**ସଜନାଗଡ଼, ୧୯।୪(ଡି.ଏନ.ଏ.):** ନୀଳଗିରି ଥାନା ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ଶୁକ୍ରବାର ଭାଜପା ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ନିର୍ବାଚନମଣ୍ଡଳୀର ସଂଯୋଜକ ଚନ୍ଦ୍ରଶେଖର ନନ୍ଦଙ୍କ ନେତୃତ୍ୱରେ ସରପଞ୍ଚ ଉଷାରାଣୀ ରାଉଳ, ସମାଜସେବୀ ବସନ୍ତ କୁମାର ରାଉଳ, କୃଷ୍ଣଚନ୍ଦ୍ର ସିଂ, ପୂର୍ବତନ ୱାର୍ଡମେମ୍ବର ବାଇଧର ସିଂ, କାର୍ତ୍ତିକ ମଲ୍ଲିକ, ପରମେଶ୍ୱର ଦେବଗୋସ୍ୱାମୀ, ରାଜୀବ ପାଣିଗ୍ରାହୀ, ଦିବାକର ବାରିକ, ଗଦାଧର ରାଉତ, ଯୁଧିଷ୍ଠିର ମହାନ୍ତି ଏବଂ ଶତାଧିକ ବିଜେଡି କର୍ମୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶଧାରାରେ ଅନୁପ୍ରାଣିତ ହୋଇ ମିଶିଥିବା ଜଣାପଡ଼ିଛି। କାର୍ଯ୍ୟକ୍ରମରେ ନୀଳଗିରିର ପ୍ରଭାରୀ ସିପ୍ରା ବାଜପେୟୀ, ମଣ୍ଡଳ ସଭାପତି ଅଭୟ ମିଶ୍ର, ମଣ୍ଡଳର ଉପସଭାପତି ଦୀପକ ରଞ୍ଜନ ଦାସ, ମଣ୍ଡଳର ପ୍ରଭାରୀ ମାନସ ମିଶ୍ର, ମୁକ୍ତିକାନ୍ତ କାରିକ, ମଧୁମାଧବ ଜେନା, ସଞ୍ଜୟ ମହାନ୍ତି, ଚିତ୍ତରଞ୍ଜନ ବିଶ୍ୱାଳଙ୍କ ସହିତ ଦଳର ବହୁ କର୍ମୀ ଉପସ୍ଥିତ ଥିଲେ।

### ଭାଜପାରେ ମିଶିଲେ ଅର୍ଚ୍ଚନା



**ରେମୁଣା, ୧୯।୪(ଡି.ଏନ.ଏ.):** ରେମୁଣା ଭାଜପା କାର୍ଯ୍ୟାଳୟରେ ଶୁକ୍ରବାର ବିଜେଡିର ପୂର୍ବତନ ରେମୁଣା ବ୍ଲକ ସଭାପତି ତଥା ପୂର୍ବତନ ଜିଲାପରିଷଦ ଅର୍ଚ୍ଚନା ରାଉତ ଓ ନୂଆଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରିୟବ୍ରତ ରାଉତ ତାଙ୍କର ଶତାଧିକ ସମର୍ଥକଙ୍କ ସହ ଭାଜପାରେ ଯୋଗ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦେଶପ୍ରୀତି, ବିକାଶ ଧାରା ଓ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ କାର୍ଯ୍ୟଶୈଳୀରେ ଆକର୍ଷିତ ହୋଇ ଭାଜପାରେ ମିଶିଛନ୍ତି। ବିଜେଡିରେ ଗଣତନ୍ତ୍ର ନାହିଁ, ପ୍ରଶାସନ ଅଧିକାରୀଙ୍କ ନିର୍ଦ୍ଦେଶରେ ପାର୍ଟି ପରିଚାଳିତ ହେଉଛି ବୋଲି ଶ୍ରୀମତୀ ଅର୍ଚ୍ଚନା ପ୍ରକାଶ କରିଛନ୍ତି। ସଭାରେ ବିଧାୟକ ଦାସ ସମସ୍ତଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। କୃଷକମୋର୍ଚ୍ଚାର ରାଜ୍ୟ ଉପସଭାପତି ବିପିନ ବିହାରୀ ଦାସ ମଞ୍ଚ ପରିଚାଳନା କରିଥିଲେ। ମଣ୍ଡଳ ସଭାପତି ଗୌରଗୋପାଳ ସାହୁ, ଜିଲାପରିଷଦ ସଦସ୍ୟ ସୀତାରାମ ପ୍ରଧାନ, ବିପିନ ମାରାଣ୍ଡି, ଅଏସ କୁମାର ରାଉତ, ଶେରଗଡ଼ର ପୂର୍ବତନ ସରପଞ୍ଚ ଖଗେନ୍ଦ୍ର ସ ପ୍ରମୁଖ ମଞ୍ଚାସୀନ ଥିଲେ।

# କଳା, ସଂସ୍କୃତିର ପ୍ରଚାରକରୁ ସେବକ



ଗୋସେବକ ପଦ୍ମଲୋଚନ।

**ସନ୍ତୋଷ କୁମାର ନାୟକ**
**ସିମୁଳିଆ, ୧୯।୪**

**ନିଆରା ବ୍ୟକ୍ତିତ୍ୱ ପଦ୍ମଲୋଚନ**

ଦାସକାଠିଆ ବଜାଇ ଲୋକଙ୍କ ମନୋରଞ୍ଜନ କରୁଥିବା ପଦ୍ମଲୋଚନ ଏଯାଏ ଏହି କଳାକୁ ବଞ୍ଚାଇ ରଖିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଜରି ଲଗା ପୋଷାକ ପିନ୍ଧି ମଞ୍ଚରେ ଦାସକାଠିଆ ବଜାଇ ସଙ୍ଗୀତ ପରିବେଷଣ କଲା ବେଳେ ସେ ଦର୍ଶକଙ୍କୁ ଆନମନା କରିଦିଅନ୍ତି। ଦାସକାଠିଆ ପରିବେଷଣକରି ସରକାରଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରି ଆସୁଛନ୍ତି। ବାଲେଶ୍ୱର ଓ ଭଦ୍ରକ ଜିଲାର ବିଭିନ୍ନ ସ୍ଥାନ ବୁଲି ଦୀର୍ଘ ୩୦ବର୍ଷ ଧରି ଏହି କଳା ପାଇଁ ସଂଘର୍ଷ କରିବା ପରେ ଏବେ ପରିଣତ ବୟସରେ ଗୋସେବାକୁ ଜୀବନର ଆଦର୍ଶ ଭାବେ ଆପଣେଇ ନେଇଛନ୍ତି।

ପଦ୍ମଲୋଚନଙ୍କ ଘର ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମଇତାପୁର ଅଞ୍ଚଳରେ। ତାଙ୍କୁ ବୟସ ୬୨ ଛୁଇଁଛି। ଆଗଭଳି ଦାସକାଠିଆ ପରିବେଷଣ କରିବାକୁ ଦୂର ସ୍ଥାନକୁ ଯାଇପାରୁ ନ ଥିବାରୁ ନିଜ ଗାଁ ରୁଦ୍ରାଶ୍ରମ ଗୋଶାଳାରେ ନିଜକୁ ଗୋସେବକ ରୂପେ ସମର୍ପିଦେଇ କାର୍ଯ୍ୟ କରୁଛନ୍ତି। ତାଙ୍କ ଘରେ ସ୍ତ୍ରୀ, ବୋହୂ, ପୁଅ ଓ ଅନ୍ୟମାନେ ରହିଛନ୍ତି। ତାଙ୍କ ନିଆରାପଣ ନେଇ ସେ ଗୋଶାଳାକୁ ନିଜ କର୍ମକ୍ଷେତ୍ରରେ ପରିଣତ କରିଛନ୍ତି। ପଦ୍ମଲୋଚନ କହନ୍ତି, ଗୋସେବା କରିବା ଭାରତୀୟ ସଂସ୍କୃତିର ପ୍ରାଚୀନ ପରମ୍ପରା। ବର୍ତ୍ତମାନ ତାଙ୍କ ଗୋଶାଳାରେ ୨୩୦ଟି ଗାଈ ବଳଦ ରହିଛନ୍ତି। ପ୍ରତିଦିନ ସେ ସେମାନଙ୍କୁ ଖାଦ୍ୟପାନୀୟ ଯୋଗାଇ ଆବଶ୍ୟକ ଯତ୍ନ ନେଉଛନ୍ତି। ତାଙ୍କ ଶେଷ ଜୀବନ ଗୋସେବାରେ ଅତିବାହିତ କରିବେ ବୋଲି ପଦ୍ମଲୋଚନ କହିଛନ୍ତି।

ଜଣେ କଳାକାରରୁ ଗୋସେବକ ପାଲଟିଥିବା ପଦ୍ମଲୋଚନଙ୍କ ବେଶଭୂଷା ବେଶ୍ ନିଆରା। ସାଧୁସନ୍ୟାସୀଙ୍କ ପରି ସର୍ବଦା ଗେରୁଆ ବସ୍ତ୍ର ପରିଧାନ କରିଥାଆନ୍ତି। ସେ କହନ୍ତି, ତାଙ୍କ ବାପା ଇନ୍ଦ୍ରମଣି ମହାକୁଡ଼ ଘରେ ଅନେକ ପୋଥି ପୁରାଣ ବହି ରଖି ପଢୁଥିଲେ। ପିଲାଦିନୁ ସେ ଏହାଦ୍ୱାରା ପ୍ରଭାବିତ ହୋଇଥିଲେ। ୧୯୭୩ରେ ସେ ସ୍ଥାନୀୟ ଭାରତ ସେବାନିଧି ବିଦ୍ୟାଳୟରୁ ଶିକ୍ଷାଲାଭ କରିବା ପରେ କଟକର ଗୁରୁ କାର୍ତ୍ତିକ ଚନ୍ଦ୍ର ଦାସଙ୍କଠାରୁ ଦାଶକାଠିଆ ଶିକ୍ଷା ଗ୍ରହଣ କରିଥିଲେ। ଦାସକାଠିଆ ପରିବେଷଣ କରି ଆଗରୁ ସେ ମାତ୍ର ୩୦ ଟଙ୍କା ପାଉଥିଲେ। ପରେ ୪ଶହ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରୁଥିଲେ। ଜଣେ ଆଧାତ୍ମିକବାଦୀ ବ୍ୟକ୍ତିତ୍ୱ ଭାବେ ପଦ୍ମଲୋଚନ ବେଶ୍ ପରିଚିତ। କଥା କଥାରେ ସେ ଶ୍ଳୋକ ଆବୃତ୍ତିକରି ଭାରତୀୟ ସଂସ୍କୃତି ଓ ଦର୍ଶନର ମହାନତା କହିବସନ୍ତି। ଏଥିଲାଗି ବିଭିନ୍ନ ମଠ, ମନ୍ଦିରରେ ପ୍ରବଚନ ଦେବା ଲାଗି ତାଙ୍କୁ ଡାକରା ମିଳିଥାଏ। ସାଧୁସନ୍ଥଙ୍କ ସହ ମିଶିବା ଓ ମଠ ମନ୍ଦିର ପରିଦର୍ଶନ କରିବାକୁ ସେ ଭଲପାଆନ୍ତି। ବର୍ତ୍ତମାନ ଭଣ୍ଡବାବାମାନେ ସମାଜକୁ ଭୁଲ୍ ବାଟ ଦେଖାଉଥିବାରୁ ସେ ଏ ସମ୍ପର୍କରେ ଲୋକଙ୍କୁ ସଚେତନ କରାଉଥିବା କହିଛନ୍ତି।




ଖବରଦାତା ସମ୍ମିଳନୀରେ ଇଲେକ୍ସନ ୱାଚ୍ କମିଟିର ସଦସ୍ୟାସଦସ୍ୟ।

# ଅବାଧ, ନିରପେକ୍ଷ ନିର୍ବାଚନ ପାଇଁ ସଚେତନତା କାର୍ଯ୍ୟକ୍ରମ

**ବାଲେଶ୍ୱର ଅଫିସ, ୧୯।୪**

ବାଲେଶ୍ୱର ସହର ଆଇଟିଆଇ ସ୍ଥିତ ଏକ ଘରୋଇ ସମ୍ମିଳନୀ କକ୍ଷରେ ମାନବାଧିକାର ଇଲେକ୍ସନ ୱାଚ୍ କମିଟି ପକ୍ଷରୁ ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଛି।

ମାନବାଧିକାର ଇଲେକ୍ସନ ୱାଚ୍ କମିଟି ବାଲେଶ୍ୱର ଗସ୍ତ କରି ବିନା ଭୟ, ଭ୍ରାନ୍ତି, କୌଣସି ଚାପର ବଶବର୍ତ୍ତୀ ନ ହୋଇ ଜାତି, ଧର୍ମ, ବର୍ଗ, ଲିଙ୍ଗ ସଙ୍କୀର୍ଣ୍ଣତାରୁ ଉର୍ଦ୍ଧ୍ୱରେ ରହି ନିଜର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରି ମତଦାନ କରିବା ଲାଗି ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି। ଏହି ଉପଲକ୍ଷେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ସଙ୍ଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ଅଭିନ୍ନ ହୋତା କହିଥିଲେ, ଚଳିତ ନିର୍ବାଚନରେ କଳାଟଙ୍କା, ମଦ ଓ ଗୁଣ୍ଡାଗର୍ଦ୍ଦିକୁ ରୋକିବା ପାଇଁ ସାରା ରାଜ୍ୟରେ ୧୫୦୦ ମାନବାଧିକାର କର୍ମୀ ନିୟୋଜିତ ହୋଇଛନ୍ତି। ବାଲେଶ୍ୱର ଜିଲାର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ନିର୍ବାଚନକୁ ଖୁବ୍ ପାଖରୁ ନିରୀକ୍ଷଣ କରୁଛନ୍ତି। ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନକୁ ନିର୍ବାଚନ କମିଶନରଙ୍କୁ ଅବଗତ କରାଉଛନ୍ତି। ସୁସ୍ଥ ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ଏହା ଆମର ପ୍ରୟାସ ବୋଲି କମିଟି ରାଜ୍ୟ ଉପାଧ୍ୟକ୍ଷ ତଥା ଢେଙ୍କାନାଳ, ଅନୁଗୋଳ ଜିଲାର ସଭାପତି ରାମଚନ୍ଦ୍ର ରାଉତରାୟ ମତବ୍ୟକ୍ତ କରିଛନ୍ତି। ଇଲେକ୍ସନ ୱାଚ୍ କମିଟିର ରାଜ୍ୟ ଉପ-ସଭାପତି ଦେବବ୍ରତ ପାଣିଗ୍ରାହୀ ଓ ଜିଲାସଭାପତି ସଂଘମିତ୍ରା ମହାନ୍ତି, ଖୋର୍ଦ୍ଧା ଜିଲା ସଂଯୋଜିକା କୁମାରୀ ସ୍ୱର୍ଣ୍ଣଲତା ସାହୁ, ସଦସ୍ୟା ଶର୍ମିଷ୍ଠା ଦାସ, ଜ୍ୟୋତିରଞ୍ଜନ ଦାସ, ଲଳିତ କୁମାର ପାଣିଗ୍ରାହୀ, ପ୍ରିୟରଞ୍ଜନ ମହାନ୍ତି, ଅଲିଭା ଦାସ, ହରିଶ୍ ଚନ୍ଦ୍ର ରାଜ, ଉର୍ମିଳା ଦାସ, ସୁପ୍ରଭା ଦାସ, ପ୍ରଶାନ୍ତ ପଣ୍ଡା, ଚିନ୍ମୟ ବିଶ୍ୱାଳ, ଏସ୍.କେ. ହମିଦ୍ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀମାନେ।

# ନିର୍ବାଚନ ପରିଚାଳନା ନେଇ ଆଲୋଚନା

**ବାଲେଶ୍ୱର ଅଫିସ,୧୯।୪**

ବାଲେଶ୍ୱର ଜିଲାପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ନିର୍ବାଚନ କାର୍ଯ୍ୟରେ ନିୟୋଜିତ ପୋଲିସ ଅଧିକାରୀ, ମାଜିଷ୍ଟ୍ରେଟ, ଫ୍ଲାଇଂ ସ୍କ୍ୱାଡ଼, ସର୍ଭିଲେନ୍ସ ଟିମ୍‌ର ସମସ୍ତ ଅଧିକାରୀ, ରିଟର୍ନିଂ ଅଫିସରମାନଙ୍କୁ ନେଇ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଗାମୀ ସାଧାରଣ ନିର୍ବାଚକୁ ଜିଲାରେ କିପରି ସମସ୍ତଙ୍କ ସହଯୋଗ ଓ ସମନ୍ୱୟରେ ସୁରୁଖୁରୁରେ ଆୟୋଜନ କରାଯାଇପାରିବ ସେନେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ପର୍ଯ୍ୟବେକ୍ଷକମାନେ ଆଦର୍ଶ ଆଚରଣ ବିଧି ଅନୁପାଳନରେ ରହିଥିବା କେତେକ ଛୋଟମୋଟ ସମସ୍ୟା ପ୍ରତି ଦୃଷ୍ଟି ଆକର୍ଷଣ କରି ଅଧିକାରୀମାନେ ସେ ଦିଗରେ ଯତ୍ନବାନ ହେବାକୁ କହିଥିଲେ। ଇତିମଧ୍ୟରେ ଜିଲାରେ ପୋଲିଂ କର୍ମଚାରୀମାନଙ୍କୁ ତୃତୀୟ ଓ ଅନ୍ତିମ ଚରଣର ତାଲିମ ପ୍ରଦାନ କରାଯାଇଛି। ସେହିପରି ଇଭିଏମ୍ ଷ୍ଟ୍ରଙ୍ଗରୁମ୍‌ଠାରେ ଇଭିଏମ୍ ମେଶିନ କମିଶନିଙ୍ଗ କାର୍ଯ୍ୟ ଚାଲିଥିବା ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ରମେଶ ଚନ୍ଦ୍ର ରାଉତ ପ୍ରକାଶ କରିଥିଲେ।

ଗୁରୁବାର ୩୧ଜଣ ଗାଡ଼ି ମାଲିକଙ୍କୁ ନିର୍ବାଚନ କାର୍ଯ୍ୟରେ ଅସହଯୋଗ ନିମନ୍ତେ ତାଙ୍କ ବିରୋଧରେ ଗିରଫ ପରୱାନା ଜାରି କରାଯାଇଛି। କେତେଜଣ କର୍ମଚାରୀଙ୍କୁ କାର୍ଯ୍ୟରେ ଅବହେଳା ପାଇଁ ନିଲମ୍ବନ କରାଯାଇଥିବା କୁହାଯାଇଥିଲା। ବେଆଇନ ଭାବେ ଅର୍ଥ ଚାଲାଣ, ଚୋରା ମଦ କାରବାର, ପୋଷ୍ଟର ମରା, ବିନା ଅନୁମତିରେ ସଭା-ଶୋଭାଯାତ୍ରା ଆୟୋଜନ, ପ୍ରଚାର ପ୍ରସାର ଆଦି ଉପରେ କଡ଼ା ନଜର ରଖିବାକୁ ବିଭିନ୍ନ ଟିମ୍‌କୁ ପରାମର୍ଶ ଦିଆଯାଇଛି। ସେହିପରି ପ୍ରାର୍ଥୀ ଏବଂ ଦଳଗୁଡ଼ିକର ଖର୍ଚ୍ଚ ଉପରେ ନଜର ରଖିବାକୁ କୁହାଯାଇଛି। ସୀମା ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ଉପରେ କଡ଼ା ଦୃଷ୍ଟି ଦେବା ସହ ଆନ୍ତଃରାଜ୍ୟ ପୋଲିସ-ଅବକାରୀ ଅଧିକାରୀମାନେ ବିଶେଷ ଯାଞ୍ଚ କରିବା ଏବଂ ସନ୍ଦେହଜନକ ଯାନବାହନ, ବ୍ୟକ୍ତିଙ୍କୁ ତନଖି କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ପରେ ପର୍ଯ୍ୟବେକ୍ଷକମାନେ ପୃଥକ୍ ଭାବେ ନିଜ ନିର୍ବାଚନମଣ୍ଡଳୀ ପାଇଁ ନିଯୁକ୍ତ ସମସ୍ତ ଟିମ୍‌ର ଅଧିକାରୀମାନଙ୍କୁ ନେଇ ବୈଠକ କରିଥିଲେ। ବୈଠକରେ ସାଧାରଣ ପର୍ଯ୍ୟବେକ୍ଷକ ବିରେନ୍ଦ୍ର ସିଂ ରାୱତ, ରାକେଶ ଶଙ୍କର, ହାଓଲିନ ଲାଲ ଗୁଲେଟ୍, ପୋଲିସ ପର୍ଯ୍ୟବେକ୍ଷକ ହିରେମଥ୍ ସୁଧୀର କାଲାୟା, ଖର୍ଚ୍ଚ ପର୍ଯ୍ୟବେକ୍ଷକ ହ୍ୟାରିସନ ଆଣ୍ଟୋନି, ବରୁଣ ରଙ୍ଗସ୍ୱାମୀ, ଶଶୀ କାଜ୍‌ଲେ, ଜିତେନ୍ଦ୍ର ପଟେଲ ଏବଂ ଏସ୍. ନଟରାଜନ ଯୋଗଦେଇଥିବା ବେଳେ ସମସ୍ତ ରିଟର୍ନିଂ ଅଫିସର ଏବଂ ସମସ୍ତ ନୋଡ଼ାଲ ଅଧିକାରୀମାନେ ଯୋଗଦେଇଥିଲେ।

### ମହାବୀର ଫ୍ରେଣ୍ଡସ୍ ପ୍ରିମିୟମ୍ ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ ଆରମ୍ଭ

**ସୋର, ୧୯।୪(ଡି.ଏନ.ଏ.):** ସୋର ମହୁମୁହାଁଣ ଗ୍ରାମସ୍ଥ ମହାବୀର ଫ୍ରେଣ୍ଡସ୍ ପ୍ରିମିୟମ ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୂରଲୀ ଫାଇଟର୍ସ୍ ଓ ମୁକ୍ତେଶ୍ୱର ଇଲେଭେନ୍ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା। ଟସ୍ ଜିତି ମୁକ୍ତେଶ୍ୱର ଫିଲିଡ଼ିଂ କରିବାକୁ ନିଷ୍ପତ୍ତି ନେଇଥିଲା। ମୂରଲୀ ଫାଇଟର୍ସ ନିର୍ଦ୍ଧାରିତ ୧୨ ଓଭରରୁ ୭ ଉଇକେଟ୍ ହରାଇ ୯୨ରନ୍ ସଂଗ୍ରହ କରିଥିଲା। ଜବାବରେ ମୁକ୍ତେଶ୍ୱର ୧୦.୩ ଓଭରରେ ୬ ଉଇକେଟ୍ ହରାଇ ୯୫ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ରୋମିଓ ରଞ୍ଜନ ନାୟକ ୧୮ ବଲ୍‌ରୁ ୩୫ ରନ୍ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌କୁ ପ୍ରାକ୍ତନ ସରପଞ୍ଚ ତଥା ମହାବୀର କ୍ଲବ ସଭାପତି ଅଖିଳରାମ ଜେନା ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସମାଜସେବୀ ସୁଦର୍ଶନ ବେହେରା ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଡ. କିଶୋର ପ୍ରଧାନଙ୍କ ସହ କୈଳାସ ପ୍ରଧାନ ଖେଳ ପରିଚାଳନା କରିଥିଲା ବେଳେ ଭାଷ୍ୟକାର ଭାବେ ଯଦୁନାଥ ଦାୟିତ୍ୱ ତୁଲାଇଥିଲେ। କ୍ଲବ ସଦସ୍ୟ ଏହାକୁ ପରିଚାଳନା କରିଥିଲେ।



କର୍ମୀ ସମ୍ମିଳନୀରେ ସିପିଏମ ନେତୃବୃନ୍ଦ।

# ଖଇରାରେ ସିପିଏମ୍‌ର କର୍ମୀ ସମ୍ମିଳନୀ

**ଖଇରା, ୧୯।୪(ଡି.ଏନ.ଏ.)**

୨୦୧୪ରେ କେନ୍ଦ୍ର ସରକାର ଯେଉଁ ସବୁ ପ୍ରତିଶ୍ରୁତି ଦେଇ କ୍ଷମତା ଆସିଥିଲେ ତାହା ପୂରଣ କରିବାରେ ବିଫଳ ହୋଇଛନ୍ତି। ବଡ ବଡ଼ ସ୍ୱପ୍ନ ଦେଖାଇ ସାଧାରଣ ଜନତାକୁ ଲୁଟିବାକୁ ଉଦ୍ୟମ କରାଯାଇଛି। କୃଷକ, ମହିଳା, ଯୁବ ସମାଜ ସବୁବର୍ଗର ଲୋକେ ଅବହେଳିତ ହୋଇପଡ଼ିଛନ୍ତି। ଏବେ ଦେଶରେ ସାମ୍ବିଧାନିକ ସଙ୍କଟ ଦେଖାଦେଲାଣି। ସେହିଭଳି ରାଜ୍ୟରେ ବିଜେଡି ସରକାର କୌଣସି ଦୀର୍ଘମିଆଦି ଯୋଜନା କରିବା ପରିବର୍ତ୍ତେ ଭୋଟ ହାତେଇବା ଲକ୍ଷ୍ୟରେ ୧୯ବର୍ଷ ହେଲା କୁକୁରକୁ ରୁଟି ଫିଙ୍ଗିବା ଭଳି କିଛି କିଛି ଯୋଜନା କରି ଓଡିଶା ଲୋକଙ୍କୁ ଶୋଷଣ କରୁଛନ୍ତି। ଏଣୁ ଏଥର ଓଡିଶାବାସୀ ଏହି ଦୁଇ ଦଳକୁ ପ୍ରତ୍ୟାଖାନ କରି ବାମପନ୍ଥୀ ଓ କଂଗ୍ରେସ ମେଣ୍ଟକୁ ଭୋଟ ଦେବେ। ସିମୁଳିଆ ଖଇରା ନିର୍ବାଚନମଣ୍ଡଳୀରେ ମଧ କଂଗ୍ରେସ ପ୍ରାର୍ଥୀ ବିଜୟ ହେବେ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ସିପିଏମ ନେତୃବୃନ୍ଦ। ଶୁକ୍ରବାର ଖଇରା ସହୀଦ ଭବନ ପରିସରରେ ଆୟୋଜିତ କର୍ମୀ ସମ୍ମିଳନୀରେ ପ୍ରଶାନ୍ତ ବାରିକ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ମୂରଲୀଧର ବାରିକ, କୃଷକ ନେତା ଜଗତାନନ୍ଦ ମହାପାତ୍ର, ଭଗବାନ ଦାସ,ସନ୍ତୋଷ କୁମାର ସାହୁ, ଶ୍ରୀଧର ଶଙ୍ଖୁଆ, ପଦ୍ମଲୋଚନ ଜେନା, ଉତ୍ତମ ଦାସ, ସୁଲୋଚନା ପରିଡା, ପ୍ରଶାନ୍ତ ପରିଡା, ଅଭିରାମ ବେହେରା ଓ ବନମାଳୀ ମାଝି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ଅଞ୍ଚଳରୁ ବହୁ ସିପିଏମ କର୍ମୀ ଉପସ୍ଥିତ ଥିଲେ।



ମଠବାଡ଼ିରେ ପୋଥିମିଳନ ଅବସରରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ।

# ଔପଦାରେ ପୋଥି ମିଳନ

**ଔପଦା, ୧୯।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଔପଦା ବ୍ଲକ ସଦର ବଜାର ନିକଟରେ ଥିବା ମଠବାଡ଼ିରେ ଶୁକ୍ରବାର ପୂର୍ଣ୍ଣ ଅବସରରେ ପୋଥି ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନିକଟସ୍ଥ ଜୁକଣ୍ଡ ଖଇରା, ଢ଼ିମ୍ପୁରା ଓ ଫତେପୁର ପଞ୍ଚାୟତର ଫତେପୁରରୁ ଶହ ଶହ ବର୍ଷର ପୁରୁଣା ତାଳପତ୍ର ପୋଥିକୁ ସୁସଜ୍ଜିତ ବିମାନରେ ପାରମ୍ପରିକ ଭାବେ ମଠବାଡ଼ିକୁ ଘଣ୍ଟାଘଣ୍ଟ, ମୃଦଙ୍ଗ ବାଦ୍ୟର ତାଳେ ତାଳେ ଭଜନକୀର୍ତ୍ତନ କରାଯାଇ ଅଣାଯାଇଥିଲା। ସେଠାରେ ପୋଥି ଗାଦି ବିମାନକୁ ଆସ୍ଥାନରେ ସ୍ଥାପନ କରାଯାଇ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା ଏବଂ ପରେ ଏକ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୋଥି ତତ୍ତ୍ୱାବଧାରକ ବ୍ରାହ୍ମଣ ଗୋସାଇଁମାନଙ୍କ ସହ ମଠବାଡ଼ିର ତତ୍ତ୍ୱାବଧାରକ ବିଜୟ କୁମାର ପଟ୍ଟନାୟକ ପାରମ୍ପରିକ ଭାବେ ପ୍ରତିବର୍ଷ ପରି ଏବର୍ଷ ସଫଳତାର ସହ ପୋଥି ଗାଦି ମିଳନ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହୋଇଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି। ପୋଥିମିଳନ ସ୍ଥଳରେ ଜାଗଯଜ୍ଞ ସହ ମାଗଣା ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା। ସକାଳେ ବହୁ ଶ୍ରଦ୍ଧାଳୁଙ୍କର ମିଳନ ସ୍ଥଳରେ ଭିଡ଼ ଜମିଥିଲା।

### ବିଜେଡିର କର୍ମୀ ସମାବେଶ

**ବାଲିଆପାଳ, ୧୯।୪(ଡି.ଏନ.ଏ.):** ବାଲିଆପାଳ ବିଜେଡି ପକ୍ଷରୁ ଶୁକ୍ରବାର ଭାସ୍କର ସାହୁଙ୍କ ବାସଭବନ ପରିସରରେ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଚକ୍ରଧର ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କର୍ମୀ ସମାବେଶରେ ବିଧାୟକ ପ୍ରାର୍ଥୀ ନିତ୍ୟାନନ୍ଦ ସାହୁ ଯୋଗଦେଇ ଓଡ଼ିଶାର ବିକାଶକୁ କେବଳ ବିଜେଡି ସରକାର ହିଁ ଆଗକୁ ନେଇପାରିବ ବୋଲି କହିଥିଲେ। ଜିଲା ସମ୍ପାଦକ ଅଜୟ କୁମାର ସାହୁ ବାଲେଶ୍ୱର ଜିଲାର ବିକାଶ ପାଇଁ ଏମ୍‌ପି ଇଂ ରବୀନ୍ଦ୍ର ଜେନା ଦୃଢ ପରିକର ବୋଲି କହିଥିଲେ। ଶେଷରେ ପ୍ରତାପ ପାତ୍ର ଧନ୍ୟବାଦ ଦେଇଥିଲେ।

# ଯୁବ ଓ ନୂତନ ଭୋଟର ସଚେତନତା କାର୍ଯ୍ୟକ୍ରମ

**ବାଲେଶ୍ୱର ଅଫିସ,୧୯।୪**




ଯୁବ ଓ ନୂତନ ଭୋଟରଙ୍କୁ ସଚେତନ କରାଯାଉଛି।

ବାଲେଶ୍ୱର ଜିଲାପରିଷଦ ସମ୍ମିଳନୀ କକ୍ଷରେ ଯୁବ ଓ ନୂତନ ଭୋଟର ସଚେତନତା କାର୍ଯ୍ୟକ୍ରମ ଓଡ଼ିଶା ଇଲେକ୍ସନ ୱାଚ୍ କମିଟି ବାଲେଶ୍ୱର ଶାଖା ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ରମେଶ ଚନ୍ଦ୍ର ରାଉତ ଯୋଗଦେଇ ଦେଶର ବିକାଶ ପାଇଁ ନିର୍ବାଚନରେ ସମସ୍ତଙ୍କୁ ଭୋଟ ଦେବା ନେଇ ନିବେଦନ କରିବା ସହ ଆର୍ଥିକ ପ୍ରଲୋଭନଠାରୁ ଦୂରରେ ରହିବା ପାଇଁ ପରାମର୍ଶ ଦେଇଥିଲେ। ଥରେ ଭୁଲ୍ କଲେ ୫ବର୍ଷ ହଇରାଣ ହେବାକୁ ପଡ଼ିବ ବୋଲି ଚେତାଇ ସୁସ୍ଥ ଗଣତନ୍ତ୍ର ପାଇଁ ମତଦାନ ଏକାନ୍ତ ଜରୁରୀ ବୋଲି ପ୍ରକାଶ କରିଥିଲେ।

ଓଡ଼ିଶା ଇଲେକ୍ସନ ୱାଚ୍ କମିଟି ବାଲେଶ୍ୱର ଶାଖା ସଂଯୋଜକ ଉବାଚକ ମହାନ୍ତି ସଚେତନତା କାର୍ଯ୍ୟକ୍ରମରେ ପରିଚାଳନା କରିଥିବା ବେଳେ ଅତିରିକ୍ତ ଜିଲାପାଳ ସମ୍ବିତ ନାୟକ, ଉପଜିଲାପାଳ ନୀଲୁ ମହାପାତ୍ର, ଓଡ଼ିଶା ଇଲେକ୍ସନ ୱାଚ୍ କମିଟି ରାଜ୍ୟ ସଂଯୋଜକ ରଞ୍ଜନ କୁମାର ମହାନ୍ତି, ସଦସ୍ୟ ତଥା ରାଜ୍ୟସରକାରଙ୍କ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ଓ ସଦସ୍ୟା ଅନୁରାଧା ମହାନ୍ତି ପ୍ରମୁଖ ବକ୍ତବ୍ୟରେ ଅବାଧ ଓ ନିରପେକ୍ଷ ନିର୍ବାଚନ ସହ ପ୍ରଲୋଭନରେ ବଶବର୍ତ୍ତୀ ନ ହୋଇ ସୁସ୍ଥ ଗଣତନ୍ତ୍ର ପାଇଁ ମତଦାନ କରିବାକୁ ଆହ୍ୱାନ ଦେଇଥିଲେ।

# ବସ୍ତାରେ ବିଜେଡିର ମିଶ୍ରଣ ପର୍ବ

**ବସ୍ତା,୧୯।୪(ସ୍ୱ.ପ୍ର.)**

ବସ୍ତା ବିଜେଡି ପକ୍ଷରୁ ଏକ ମିଶ୍ରଣ ପର୍ବ ଶୁକ୍ରବାର ମଥାନୀ କଟିପୋଲସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ବସ୍ତା ବ୍ଲକ ବିଜେଡି ସଭାପତି ତ୍ରିଲୋଚନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ଦାସ, ଏମ୍‌ପି ପ୍ରତିନିଧି ମହାଦେବ ଦାସ, କୁଳିଦା ସରପଞ୍ଚ ସୁନୀଲ ସେନାପତି, ଯୁବ ବିଜେଡି ସଭାପତି ପୂର୍ଣ୍ଣଚନ୍ଦ୍ର ଜେନା, ଜିଲା ସମ୍ପାଦକ ଯାଦବେଶ ମିଶ୍ର, ରାଜ୍ୟ ସମ୍ପାଦକ ଶ୍ୟାମାପ୍ରସାଦ ବେହେରା ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ୫୦ରୁ ଉର୍ଦ୍ଧ୍ୱ ଭାଜପାରୁ ଆସିଥିବା କର୍ମୀ ଓ ଛାମୁଆ ନେତା ଦଳ ଛାଡି ବିଜେଡିରେ ଯୋଗ ଦେଇଥିଲେ।



ବିଜେଡିରେ ସାମିଲ ହୋଇଥିବା ଭାଜପା କର୍ମୀ।

ସେମାନଙ୍କୁ ଦଳ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହି କର୍ମୀମାନଙ୍କୁ ନୂତନ ଭାବେ ବିଜେଡିରୁ ଆସି ଭାଜପାରୁ ବିଧାୟକ ପ୍ରାର୍ଥୀ ହୋଇଥିବା ରଘୁନାଥ ମହାନ୍ତି ଅଣଦେଖା କରୁଥିବାରୁ ସେମାନେ ଦଳ ଛାଡ଼ିଥିବା ଦଳ ପକ୍ଷରୁ କୁହାଯାଇଥିଲା।

# ବଞ୍ଚିବାକୁ ସଂଘର୍ଷ: ଚିକିତ୍ସା ପାଇଁ ସହାୟତା ଲୋଡ଼ିଲେ ପରିବାର ଲୋକେ

**ଖଇରା, ୧୯।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ତିଳଦା ଗ୍ରାମରେ ରୁହନ୍ତି ସତ୍ୟାନନ୍ଦ ଓଝା। ୩ ପୁଅ, ସ୍ତ୍ରୀଙ୍କୁ ନେଇ ତାଙ୍କ ପରିବାର। ଚାଷବାସ କରି ଯେନତେନ ପ୍ରକାରେ ପରିବାର ଚଳିଯାଉଥିଲା। ହେଲେ ମଝିଆ ପୁଅ ମାନସ ଦୁର୍ଘଟଣାରେ ଗୁରୁତର ହେବା ପରଠାରୁ ତାଙ୍କ ପରିବାରରେ ସୁଖଶାନ୍ତି ସବୁ ହଜିଯାଇଛି। ଫେବୃୟାରୀ ୧୫ତାରିଖରୁ ମାନସ ଡାକ୍ତରଖାନାର ଆଇସିୟୁରେ ପଡି ରହି ବଞ୍ଚିବାକୁ ସଂଘର୍ଷ କରୁଛନ୍ତି। ପୁଅର ଚିକିତ୍ସା ପାଇଁ ଟଙ୍କା ପଇସା ଯୋଗାଡ କରିବାରେ ମା' ବାପା ଖାଇବା ପିଇବା ଭୁଲିଗଲେଣି। ହାତଉଧାରୀ ଧାର ସୂତ୍ରରେ ଯାହା ଆଣିଥିଲେ ତାହା ଶେଷ ହୋଇଗଲାଣି। ଏବେ କ'ଣ କରିବେ ସେ ଗୋଟିଏ ଚିନ୍ତା ସେମାନଙ୍କୁ ଘାରିଛି। ଏଣୁ ଏଭଳି ଅସମୟରେ ପୁଅର ସାହାଯ୍ୟ ପାଇଁ ମା' ବାପା କୌଣସି ସହୃଦୟ ବ୍ୟକ୍ତିଙ୍କ ସହାୟତା ଲୋଡିଛନ୍ତି।

ମାନସ(୩୦) ଫେବୃୟାରୀ ୧୪ତାରିଖ ସନ୍ଧ୍ୟାରେ ନିଜ ବାଇକ୍‌ରେ ସାଙ୍ଗ ଘରକୁ ଯାଉଥିବା ବେଳେ କୁପାରୀ ଅମ୍ବିକା ଛକ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଗୁରୁତର ହେବା ସହ ତାଙ୍କ ଡାହାଣ ହାତ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା। ତାଙ୍କୁ ପ୍ରଥମେ ଖଇରା, ଭଦ୍ରକ ନିଆଯିବା ପରେ ଚେତା ନ ଫେରିବାରୁ ଭୁବନେଶ୍ୱର ନିଆଯାଇଥିଲା। ଏମ୍ସ କର୍ତ୍ତୃପକ୍ଷ ମନା କରିଦେବା ପରେ ତାଙ୍କୁ କଳିଙ୍ଗ ହସ୍ପିଟାଲରେ ଚିକିତ୍ସା କରାଇଥିଲେ। ସେଠାରେ ଆଇସିୟୁ, ଅସ୍ତ୍ରୋପଚାର ଏବଂ ଔଷଧପତ୍ର ଖର୍ଚ୍ଚ ବାବଦକୁ ୬ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବା ପରେ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଏହି ପରିବାର ପାଇଁ ଆଉ ଅଧିକ ଖର୍ଚ୍ଚ ବହନ କରିବା ସମ୍ଭବ ହୋଇ ନ ଥିବାରୁ କଟକର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏବେ ଆଉ ଏକ ଅସ୍ତ୍ରୋପଚାର ପାଇଁ ଡାକ୍ତର ପରାମର୍ଶ ଦେଇଛନ୍ତି। ଏଥିପାଇଁ ଆହୁରି ଅନେକ ଟଙ୍କା ଦରକାର। ବିଜୁ କୃଷକ କଲ୍ୟାଣ କାର୍ଡ ନ ଥିବାରୁ ସେଥିରୁ ମଧ୍ୟ କିଛି ସହାୟତା ମିଳିବାର ଆଶା ନାହିଁ। ଏଭଳି ପରିସ୍ଥିତିରେ ଯଦି ଏସ୍‌ସିବିରେ ତାଙ୍କୁ ଚିକିତ୍ସା ପାଇଁ ଅନୁମତି ପ୍ରଦାନ କରାଯାଆନ୍ତା ତେବେ ତାଙ୍କୁ ବଡ ଖର୍ଚ୍ଚରୁ ଆଶ୍ୱସ୍ତି ମିଳିପାରନ୍ତା ବୋଲି ମା' ସାବିତ୍ରୀ କହିଛନ୍ତି।



ମେଡିକାଲରେ ଚିକିତ୍ସାଧୀନ ମାନସ।

# ମଇଦାନରେ କଡ଼ା ଟକ୍କର

**ବାଲିଆପାଳ, ୧୯।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବସ୍ତା ବିଧାନସଭା ନିର୍ବାଚନମଣ୍ଡଳୀ ମଇଦାନରେ ୧୦ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବିଜେଡିରୁ ଇସ୍ତଫା ଦେଇ ଭାଜପା ଟିକେଟ ହାତେଇଥିବା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ବିଜେଡିରୁ ପ୍ରାର୍ଥୀ ହୋଇଥିବା ବିଧାୟକ ନିତ୍ୟାନନ୍ଦ ସାହୁ, କଂଗ୍ରେସରୁ ବାଲିଆପାଳ ବ୍ଲକ ଅଧ୍ୟକ୍ଷ ବିଜନ କୁମାର ନାୟକ ପ୍ରମୁଖ ଏଠାରେ ପରସ୍ପରକୁ କଡା ଟକ୍କର ଦେଇ ପ୍ରଚାର କରୁଛନ୍ତି। ସେହିପରି ନବାଗତ ପ୍ରାର୍ଥୀ ଭାବେ ତୃଣମୂଳ କଂଗ୍ରେସରୁ ନନ୍ଦନ ପାଳ, ବିଏସ୍‌ପିରୁ ମୃତ୍ୟୁଞ୍ଜୟ ଦେ, ଆପ୍‌ରୁ ସରୋଜ କୁମାର ରାଉଳ, ଫରୱାର୍ଡ ବ୍ଲକରୁ ଲକ୍ଷ୍ମୀଧର ଗିରି ଏବଂ ସ୍ୱାଧୀନ ଭାବେ ଅଜୟ କୁମାର ନାୟକ, ମାନସ ଦାସ ଓ ସଚ୍ଚିନ୍ଦ୍ର ଦାସ ଭୋଟରଙ୍କୁ ଭେଟି ସମର୍ଥନ ଲୋଡୁଛନ୍ତି। ଏନେଇ ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଉଷ୍ମତା ବାରି ହୋଇପଡୁଛି ।

ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ବିଜେଡି ଛାଡି ଭାଜପାରେ ସାମିଲ ହୋଇଥିବାରୁ ଏହି ଦଳର ଗୋଟିଏ ଗୋଷ୍ଠୀ ତାଙ୍କୁ ବିରୋଧ କରି ଦଳ ଛାଡିଛନ୍ତି। ଅନ୍ୟପକ୍ଷେ ବିଜେଡିର ଅସନ୍ତୁଷ୍ଟ ଗୋଷ୍ଠୀ ତାଙ୍କୁ ସମର୍ଥନ କରୁଥିବା ଚର୍ଚ୍ଚା ହେଉଛି। ରଘୁନାଥ ବିଜେଡି ଟିକେଟରେ ନିର୍ବାଚନ ଜିତି ୨୪ ବର୍ଷ ଧରି ବିଧାୟକ ଥିବା ସମୟରେ କରିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ କଥା କହି ଏବେ ପ୍ରଚାର କରୁଛନ୍ତି। ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ବିଗତ ୫ବର୍ଷ ମଧ୍ୟରେ ବସ୍ତା ନିର୍ବାଚନ ମଣ୍ଡଳୀରେ ସେଭଳି କିଛି ବିକାଶ ହୋଇନାହିଁ। ୨୦୧୪ ପୂର୍ବରୁ ତାଙ୍କ ଅମଳରେ କାମ ଆରମ୍ଭ ହୋଇ ବାକି ଥିବା ପେଜଗଳା ସେତୁ, ବସ୍ତାରେ କୋର୍ଟ ପ୍ରତିଷ୍ଠା ଭଳି ଅଳ୍ପ କିଛି କାର୍ଯ୍ୟ ଏହି ସମୟ ମଧ୍ୟରେ କରାଯାଇଛି। ଅଞ୍ଚଳର ବିକାଶ ଆଶାନୁରୂପ ହୋଇ ନ ଥିବାରୁ ଜନସାଧାରଣଙ୍କ ମଧ୍ୟରେ ନୈରାଶ୍ୟ ଭରିଯାଇଛି। ସେ ନିର୍ବାଚିତ ହେଲେ ଉଭୟ ବସ୍ତା ଓ ବାଲିଆପାଳର ବିକାଶ ପ୍ରତି ଗୁରୁତ୍ୱ ଦେବେ ବୋଲି କହିଛନ୍ତି।

ରଘୁନାଥଙ୍କୁ ଟକ୍କର ଦେଉଥିବା ବିଜେଡି ପ୍ରାର୍ଥୀ ନିତ୍ୟାନନ୍ଦ ସାହୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଗତ ୫ବର୍ଷ ଭିତରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ, ଜଳ ନିଷ୍କାସନ ଆଦି କ୍ଷେତ୍ରରେ ବିକାଶ ପାଇଁ ବିଭିନ୍ନ କାର୍ଯ୍ୟ କରାଯାଇଛି। ବିଜେଡି ଶାସନର ଲୋକାଭିମୁଖୀ କାର୍ଯ୍ୟକୁ ନେଇ ସାଧାରଣ ଜନତା ଖୁସି ଅଛନ୍ତି। ସେ ଆଉଥରେ ନିର୍ବାଚିତ ହେଲେ ବସ୍ତାକୁ ଏକ ମଡେଲ ନିର୍ବାଚନ ମଣ୍ଡଳୀରେ ପରିଣତ କରିବେ ବୋଲି କହିଛନ୍ତି। କଂଗ୍ରେସ ପ୍ରାର୍ଥୀ ବିଜନ କୁମାର ନାୟକ କହିଛନ୍ତି ଯେ, ବସ୍ତା ଓ ବାଲିଆପାଳରେ ଯାହା କିଛି ବିକାଶ ହୋଇଛି ସେସବୁ କଂଗ୍ରେସ ଅମଳରେ ହୋଇଛି। ବିଜେଡି ଶାସନର ୧୯ବର୍ଷ ଭିତରେ ଏହି ନିର୍ବାଚନ ମଣ୍ଡଳୀର ବିକାଶ ବହୁ ପଛକୁ ଚାଲିଯାଇଛି। ନିର୍ବାଚନ ଜିତିଲେ ସେ ସର୍ବାଙ୍ଗିନ ବିକାଶ ଉପରେ ଗୁରୁତ୍ୱ ଦେବେ। ଏହି ନିର୍ବାଚନମଣ୍ଡଳୀରେ ନୂଆ ମୁହଁ ଭାବେ ଲଢୁଥିବା ୯ଜଣ ପ୍ରାର୍ଥୀ ୩ ପ୍ରମୁଖ ଦଳକୁ ଟାର୍ଗେଟ କରି ଲୋକଙ୍କ ମନ ଜିଣିବାକୁ ପ୍ରୟାସ କରୁଥିବା ପ୍ରକାଶ କରିଛନ୍ତି।

## ( ବସ୍ତା ନିର୍ବାଚନମଣ୍ଡଳୀ )

୨୦୦୯ରେ ନିର୍ବାଚନମଣ୍ଡଳୀ ପୁନର୍ଗଠନ ହେବା ପରେ ଏହି ନିର୍ବାଚନମଣ୍ଡଳୀରେ ବସ୍ତା ବ୍ଲକର ୧୭ ପଞ୍ଚାୟତ ଓ ବାଲିଆପାଳ ବ୍ଲକର ୨୮ ପଞ୍ଚାୟତ ସାମିଲ ହୋଇଛି। ୨୦୦୯ ଓ ୨୦୧୪ରେ ବସ୍ତା ବ୍ଲକର ପ୍ରାର୍ଥୀମାନେ ବିଧାୟକ ପଦବୀ ଅକ୍ତିଆର କରିଆସିଛନ୍ତି। ଏଥିଲାଗି ବସ୍ତା ଓ ବାଲିଆପାଳ ମଧ୍ୟରେ ବିକାଶରେ ତାରତମ୍ୟ ରହୁଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ଚଳିତ ନିର୍ବାଚନରେ ଏହି ପ୍ରସଙ୍ଗକୁ ଅଧିକାଂଶ ପ୍ରାର୍ଥୀ ଜୋରଦେଇ ରଣନୀତି ପ୍ରସ୍ତୁତ କରୁଥିବା ସୂଚନା ମିଳିଛି।

ବସ୍ତା ବ୍ଲକରେ କଂଗ୍ରେସର ସ୍ଥିତି ସଜାଡିବାକୁ କଂଗ୍ରେସ ପ୍ରାର୍ଥୀ ବିଜନ ନାୟକ ଉଦ୍ୟମ କରିବା ସାଙ୍ଗକୁ ବାଲିଆପାଳବାସୀଙ୍କ ଅଧିକ ସମର୍ଥନ ପାଇବାକୁ ଆଶା ରଖିଛନ୍ତି। ଭାଜପା ପ୍ରାର୍ଥୀ ରଘୁନାଥ ମହାନ୍ତି ବିଜେଡିରୁ ୫ଥର ବିଧାୟକ ଓ ୨ଥର ମନ୍ତ୍ରୀ ହେବାର ସୁଯୋଗ ପାଇଥିବାରୁ ନିର୍ବାଚନ ପରିଚାଳନାରେ ତାଙ୍କର ଅନେକ ଅଭିଜ୍ଞତା ରହିଛି। ଉଭୟ ବିଜେଡିର ଅସନ୍ତୁଷ୍ଟ ଗୋଷ୍ଠୀ ଓ ଭାଜପା କର୍ମୀଙ୍କ ସହଯୋଗରେ ସେ ନିର୍ବାଚନ ବୈତରଣୀ ପାର ହେବାକୁ ବଳ କଷିବା ଆରମ୍ଭ କରିଛନ୍ତି। ୨୦୧୪ରେ ନିର୍ବାଚନ ଲଢି ୬୫୮୬ ଖଣ୍ଡ ଅଧିକ ଭୋଟପାଇ ବିଜୟୀ ହୋଇଥିବା ବିଜେଡିର ନିତ୍ୟାନନ୍ଦ ସାହୁଙ୍କ ଉପରେ ଭରସା କରି ଦଳ ଏଥର ପୁଣି ତାଙ୍କୁ ଟିକେଟ ଦେଇଛି। ବସ୍ତା ଓ ବାଲିଆପାଳର ସମସ୍ତ ୭ଟି ଜିଲା ପରିଷଦ ଜୋନ ବିଜେଡି କବ୍‌ଜାରେ ଥିବାରୁ ସେ କର୍ମୀଙ୍କ ସମର୍ଥନ ଯୋଗାଡରେ ଲାଗିପଡିଛନ୍ତି। ତେବେ ଦଳବଦଳ ରାଜନୀତି ପ୍ରମୁଖ ଦଳର ପ୍ରାର୍ଥୀଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି। ବାଲିଆପାଳ ସୂଚନା ଅଧିକାର ସଂଘର ସଭାପତି ଅନୁଜ କୁମାର ମହାପାତ୍ର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ନିର୍ବାଚନମଣ୍ଡଳୀ ଅଧୀନ ରାସ୍ତାଘାଟର ଦୁରବସ୍ଥା, ବେକାରି ସମସ୍ୟା ବୃଦ୍ଧି ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଦୁର୍ନୀତି ଏଥର ନିର୍ବାଚନରେ ମୁଖ୍ୟ ପ୍ରସଙ୍ଗ ହେବ। ବାଲିଆପାଳ ଅଞ୍ଚଳର ଅଗ୍ରଣୀ ଚାଷୀ ଜିତେନ୍ଦ୍ର ପାତ୍ର ଅନୁରୂପ ପ୍ରତିକ୍ରିୟା ପ୍ରକାଶ କରି କୃଷି ଓ କୃଷକଙ୍କ ସମସ୍ୟା ଓ ଦାରିଦ୍ର୍ୟ ବୃଦ୍ଧି ଭଳି ପ୍ରସଙ୍ଗକୁ ଭୋଟରମାନେ ପରଖିବେ ବୋଲି କହିଛନ୍ତି।

## ପ୍ରଚାର ସଭାରେ ସିନେ ତାରକା


ଭାଜପା ନେତୃବୃନ୍ଦ ପ୍ରଚାର କରୁଛନ୍ତି।

**ତେଲକୋଇ, ୧୯।୪(ଡି.ଏନ.ଏ.):** ତେଲକୋଇ ମୁଖ୍ୟାଳୟର ଚାରିଗଡ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଭାଜପାର ପ୍ରଚାର ସଭାରେ ସିନେ କଳାକାରଙ୍କୁ ଦେଖିବାକୁ ମିଳିଛି। ସିନେ କଳାକାରଙ୍କୁ ଦେଖିବା ପାଇଁ ଲୋକଙ୍କ ଭିଡ ହୋଇଥିଲା। ଅନୁ ଚୌଧୁରୀ ଓ ହାସ୍ୟ ଅଭିନେତା ହରିହର ମହାପାତ୍ର (ହରିଭାଇ) ପହଞ୍ଚି ଭାଜପାକୁ ଭୋଟ ଦେବା ପାଇଁ କହିଥିଲେ। ସଭାର ବ୍ଲକ ସଭାପତି ପ୍ରମୋଦ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଦଳୀୟ ପ୍ରାର୍ଥୀ ଧନୁର୍ଜ୍ୟୟ ସିଦ୍ଧୁ, ଜିଲା ସାଧାରଣ ସମ୍ପାଦକ ଶୁକଦେବ ମହାନ୍ତ, ଆଦିବାସୀ ମୋର୍ଚ୍ଚାର ରାଜ୍ୟ ସମ୍ପାଦକ କୈଳଶ ନାୟକ ଯୋଗ ଦେଇଥିଲେ। ଜିଲା କାର୍ଯ୍ୟକାରିଣୀ ସଭ୍ୟ ପ୍ରଫୁଲ୍ଲ କୁମାର ସାହୁ ଓ ଯୁବମୋର୍ଚ୍ଚା ସଭାପତି କ୍ରିଷ୍ଣାପ୍ରଶାଦ ସାହୁ ସଭା ପରିଚାଳନା କରିଥିଲେ।

## ବାଲିଆପାଳରେ ବିଜେଡିର ରୋଡ ଶୋ



**ବାଲିଆପାଳ, ୧୯।୪(ଡି.ଏନ.ଏ.):** ବାଲିଆପାଳ ବିଜେଡି ପକ୍ଷରୁ ଗୁରୁବାର ବିଶାଳ ରୋଡ ଶୋ ଅନୁଷ୍ଠିତ ହୋଇଯାଇଛି। ଏହା ଦକ୍ଷିଣ ବାଲିଆପାଳର ପଞ୍ଚୁପାଲି ବଜାରଠାରୁ ଏହି ରାଲି ବାହାରି ଭେଲପୁରା, ରତାଇହାଟ, ଜଗତିପୁର, ଅଦଭୁତିଆ, କରଞ୍ଜୀ, ରାଉତୁରା, ପ୍ରତାପପୁର, କାଳିପଦା ବଜାର, ଜଗାଇ ଆଦି ଦେଇ ବଡାଶ ମହାଦେବମନ୍ଦିରଠାରେ ପହଞ୍ଚିଥିଲା। ସବୁ ସ୍ଥାନରେ ଦଳୀୟ ନେତା ଓ କର୍ମୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଏହି ଅବସରରେ ବାଲେଶ୍ୱର ଏମ୍‌ପି ପ୍ରାର୍ଥୀ ଇଂ. ରବୀନ୍ଦ୍ର କୁମାର ଜେନା, ବସ୍ତା ବିଧାୟକ ପ୍ରାର୍ଥୀ ନିତ୍ୟାନନ୍ଦ ସାହୁ, ବିଜେଡି ନେତ୍ରୀ ତଥା ସମାଜସେବୀ ସୁବାସିନୀ ଜେନା, ରାଜ୍ୟ ସାଧାରଣ ସମ୍ପାଦକ ଶ୍ୟାମାପ୍ରସାଦ ବେହେରା, ଏମ୍‌ପି ପ୍ରତିନିଧି ଶଶଧର ପ୍ରଧାନ, ଜିଲା ସମ୍ପାଦକ ଅଜୟ କୁମାର ସାହୁ, ଦଳୀୟ ପର୍ଯ୍ୟବେକ୍ଷକ ଯାଦବେଶ ମିଶ୍ର, ପୂର୍ବତନ ଜିଲା ପରିଷଦ ସଦସ୍ୟ ବଳରାମ ସାହୁ ପ୍ରମୁଖ ଯୋଗଦେଇ ବିଜେଡି ସରକାର କଥାରେ ନୁହେଁ କାର୍ଯ୍ୟରେ ବିଶ୍ୱାସ କରେ। ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେବଳ ଓଡିଶାବାସୀଙ୍କ କଥା ଚିନ୍ତା କରନ୍ତି ବୋଲି କହିଥିଲେ। ଏମ୍‌ପି ଜେନାଙ୍କ ବଳିଷ୍ଠ ନେତୃତ୍ୱରେ ବାଲେଶ୍ୱର ଲୋକ ସଭା କ୍ଷେତ୍ରରେ ବିକାଶ ହୋଇଛି। ଆଗାମୀ ୨୯ ତାରିଖ ନିର୍ବାଚନରେ ଏମ୍‌ପି ପ୍ରାର୍ଥୀ ଇଂ. ରବୀନ୍ଦ୍ର ଜେନା ଓ ବିଧାୟକ ପ୍ରାର୍ଥୀ ନିତ୍ୟାନନ୍ଦ ସାହୁଙ୍କୁ ଜିତାଇବାକୁ ନିବେଦନ କରିଥିଲେ।

## ■ ଭାଜପାର ମିଶ୍ରଣ ପର୍ବ
# ସାମିଲ ହେଲେ ଅନ୍ୟଦଳର କର୍ମୀ ଓ ନେତା


ମିଶ୍ରଣ ପର୍ବରେ ମଞ୍ଚାସୀନ ଭାଜପା ନେତୃବର୍ଗ।

**ବାଲେଶ୍ୱର ଅଫିସ,୧୯।୪**

ପୁରୁଣା ବାଲେଶ୍ୱରଠାରେ ବାଲେଶ୍ୱର ଭାଜପା ଏମ୍‌ପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ସଦର ଭାଜପା ବିଧାୟକ ପ୍ରାର୍ଥୀ ତଥା ଜିଲାସଭାପତି ମଦନମୋହନ ଦତ୍ତଙ୍କ ନେତୃତ୍ୱରେ ଶୁକ୍ରବାର ଏକ ଐତିହାସିକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ବିଜେଡି ଏବଂ କଂଗ୍ରେସର ଶତାଧିକ କର୍ମୀ ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କର ଜନହିତକାରୀ ଯୋଜନା ଓ ଆର୍ଦଶକୁ ସ୍ୱୀକାର କରିବା ସହ ଜିଲାସଭାପତି ଦତ୍ତଙ୍କ କାର୍ଯ୍ୟଦକ୍ଷତା ଓ ନେତୃତ୍ୱ ଉପରେ ଭରସା ରଖି ପୁରୁଣା ବାଲେଶ୍ୱରର ପୂର୍ବତନ କାଉନସିଲର ସାବିତ୍ରୀ ପଣ୍ଡା, ଯୁବ ସାମାଜିକ କର୍ମୀ ଦିଲୀପ ତରେଇ, ଅଜିତ ମାଝି, ତପନ ମାଝି, ମଦନମୋହନ ବେହେରା, ସୁମନ୍ତ ପଣ୍ଡା, ରବୀନ୍ଦ୍ର ନାୟକ, ଲକ୍ଷ୍ମୀଧର ବେହେରା, ଭାଗିରଥୀ ବେହେରା, ମୁନ୍ନା ଦାସ, ଦେବେନ୍ଦ୍ର ଦଳେଇ, ମାନସ ଜେନା, ବିଜୟ ମାଝୀ, ସରୋଜ ତରେଇ, ରଞ୍ଜିତ ତରେଇ, ସୁଜିତ ମାଝୀ ପ୍ରମୁଖ ବହୁ ସଂଖ୍ୟାରେ ଭାଜପାରେ ଯୋଗଦାନ କରିଛନ୍ତି। ଆଗାମୀ ନିର୍ବାଚନରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ହାତକୁ ଟାଣ କରିବା ସଙ୍ଗେ ସଙ୍ଗେ ଓଡ଼ିଶା ଓ କେନ୍ଦ୍ରରେ ଡବଲ ଇଞ୍ଜିନ ସରକାର ସୁନିଶ୍ଚିତ ହେବ ବୋଲି ଏମ୍‌ପି ପ୍ରାର୍ଥୀ ଷଡ଼ଙ୍ଗୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ସମସ୍ତଙ୍କ ଯୋଗଦାନ ଦଳକୁ ଆଗାମୀ ନିର୍ବାଚନରେ ଶକ୍ତିଶାଳୀ କରିବା ସହିତ ମିଶନକୁ ସଶକ୍ତ କରିବ ବୋଲି ସଦର ଭାଜପା ବିଧାୟକ ପ୍ରାର୍ଥୀ ଦତ୍ତ ମତ ଦେଇଛନ୍ତି। ସୀତାକାନ୍ତ ସ୍ୱାଇଁ, ଚିତ୍ତରଞ୍ଜନ ପଣ୍ଡା, ରବିନାରାୟଣ ମହାପାତ୍ର, ସୁଜିତ ଦେବ, ଗୌରାଙ୍ଗ ଦାସ, ବସନ୍ତ ନାୟକ, ଅନନ୍ତ ନାୟକ, ଦିଲ୍ଲିପ ଦାସ, ମନ୍ମଥ ପାତ୍ର, ଅଜୟ ନାୟକ ଓ ଅଜୟ ବିଶ୍ୱାଳଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ବିଜେଡିର ବାଇକ ଶୋଭାଯାତ୍ରା


ଅଚ୍ୟୁତପୁର ପଞ୍ଚାୟତରେ ବାଇକ ରାଲି।

**ଖଇରା, ୧୯।୪(ଡି.ଏନ.ଏ.):** ଖଇରା ବ୍ଲକର ୫ନଂ. ଦୁଡ଼ିଗଡ଼ିଆ ଜୋନ୍‌ରେ ବିଜେଡିର ବାଇକ ଶୋଭାଯାତ୍ରା ଓ କର୍ମୀ ସମାବେଶ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବିଧାୟକ ପ୍ରାର୍ଥୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ହଜାର ହଜାର କର୍ମୀଙ୍କ ଗହଣରେ ଏକ ବାଇକ ଶୋଭାଯାତ୍ରାରେ ଗଗନଧୂଳି ଓ ଅଚ୍ୟୁତପୁର ପଞ୍ଚାୟତ ପରିକ୍ରମା କରିଥିଲେ। ଗଗନଧୂଳିର ପୂର୍ବତନ ସରପଞ୍ଚ କରୁଣାକର ମହାନ୍ତି ଓ ଅଚ୍ୟୁତପୁର ପଞ୍ଚାୟତର ସରପଞ୍ଚ ମାୟାଧର ଦାସ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

ପରେ ଶ୍ୟାମସୁନ୍ଦର ପଞ୍ଚାୟତର ଗଣ୍ଡିବେଡ ପାଣିପମ୍ପ ନିକଟରେ ଆୟୋଜିତ କର୍ମୀ ସମାବେଶରେ ସରପଞ୍ଚ ସୁଶାନ୍ତ ମହାକୁଡ ସଭାପତିତ୍ୱ କରିଥିଲେ। ଏଥିରେ ବିଧାୟକ ପ୍ରାର୍ଥୀ ପାଣିଗ୍ରାହୀଙ୍କ ସମେତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ର ପାଢ଼ୀ, ଜିଲା ପରିଷଦ ସଭ୍ୟା ଜୟନ୍ତୀ ମହଲା, ବିଜୁ ମହିଳା ମୋର୍ଚ୍ଚା ସଭାପତି ଛବିଲତା ମହାପାତ୍ର, ଛାତ୍ର ଜନତା ସଭାପତି ମାନସ ଦାସ, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ପ୍ରମୁଖ ବକ୍ତବ୍ୟ ଦେଇ ନବୀନ ସରକାରକୁ କ୍ଷମତାସୀନ କରାଇବାକୁ ପୁଣିଥରେ ବିଧାୟକ ପ୍ରାର୍ଥୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଏମ୍‌ପି ପ୍ରାର୍ଥୀନୀ ମଞ୍ଜୁଲତା ମଣ୍ଡଳଙ୍କୁ ଭୋଟ ଦେବାକୁ ଅନୁରୋଧ କରିଥିଲେ। ପରେ ଜଳଦା ପଞ୍ଚାୟତରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରମାକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା।

## ବିଜେଡି ଛାଡ଼ି ପଦ୍ମ ଧରିଲେ ମାହେଶ୍ୱରୀ

**ବାଲେଶ୍ୱର ଅଫିସ,୧୯।୪:** ବାଲେଶ୍ୱର ଲୋକସଭା ଆସନ ବଡ଼ସାହି ବିଧାନସଭା କ୍ଷେତ୍ରରେ ବିଜେଡି ନେତ୍ରୀ ତଥା ପ୍ରଶାସନିକ ଅଧିକାରୀ ମାହେଶ୍ୱରୀ ସେଠୀ ତାଙ୍କ ସମର୍ଥକମାନଙ୍କ ସହ ବିଜେଡି ଛାଡ଼ି ଶୁକ୍ରବାର ଭାଜପାରେ ଯୋଗ ଦେଇଛନ୍ତି। ଭାଜପାର ଏମ୍‌ପି ପ୍ରାର୍ଥୀ ପ୍ରତାପ ଷଡଙ୍ଗୀଙ୍କ ବାଲେଶ୍ୱର ସହର ନୂଆସାହିସ୍ଥିତ କାର୍ଯ୍ୟାଳୟରେ ସେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି। ଚ। କି ର 1 ରୁ ଅବସର ନେବା ପରେ ଗତ ୨୦୧୨ ମସିହାରୁ ମାହେଶ୍ୱରୀ ସେଠୀ ବଡ଼ସାହି ଅଞ୍ଚଳରେ ବିଜେଡି ପାଇଁ ନିରଙ୍କୁଶ ଭାବେ କାର୍ଯ୍ୟ କରିଆସୁଥିଲେ। ଦଳର ନେତୃବର୍ଗଙ୍କ ଅସହଯୋଗ ତାଙ୍କୁ ଅତିଷ୍ଠ କରିବାରୁ ଦଳ ଛାଡ଼ିବା ପାଇଁ ବାଧ୍ୟ ହୋଇଥିଲେ। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁ-ଶାସନ ଓ ବିକାଶଧାରାରେ ଅନୁପ୍ରାଣିତ ହୋଇ ଭାଜପାରେ ସାମିଲ ହେବାକୁ ସେ ନିଷ୍ପତ୍ତି ନେଇଥିଲେ। ତାଙ୍କ ସହିତ ମିନାକ୍ଷୀ ନାୟକ, ସତୀବାଳା ନାୟକ, ବୈଷ୍ଣବୀ ସିଂ, ଦୀପକ କୁମାର ବିଶ୍ୱାଳ, ସଞ୍ଜୟ କୁମାର ଗୋସ୍ୱାମୀ, ମେଘୟ ଗୁଡୁ, ଜଗବନ୍ଧୁ ସୋରେନ୍, ସଞ୍ଜୟ ଯାଦବ, ଦୀପକ କୁମାର ନାୟକ, ଶିବା ମହାନ୍ତ, ତପସ୍ୱୀ ଯାଦବ, ସଞ୍ଜୀବ କୁମାର ସତୁଆ ପ୍ରମୁଖ ନେତା ଓ କର୍ମୀ ମଧ୍ୟ ଭାଜପାରେ ସାମିଲ ହୋଇଛନ୍ତି।

# ଭାଜପାର ମାରାଥନ ପ୍ରଚାର
## ବାଲେଶ୍ୱରକୁ ବିକାଶର ଶିଖରରେ ପହଞ୍ଚାଇବାକୁ ପ୍ରତିଶ୍ରୁତି

**ବାଲେଶ୍ୱର ଅଫିସ,୧୯।୪**

ବାଲେଶ୍ୱର ସଦର ଅନ୍ତର୍ଗତ ବହୁ ସ୍ଥାନରେ ଭାଜପା ପକ୍ଷରୁ ଗୁରୁବାର ପଥପ୍ରାନ୍ତ ସଭା ସଙ୍ଗେ ସଙ୍ଗେ ବିଶାଳ ବାଇକ ରାଲି ଆୟୋଜନ ହୋଇଥିଲା। ହଜାର ହଜାର କର୍ମୀଙ୍କ ସହ ବାଲେଶ୍ୱର ଏମ୍‌ପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ସଦର ଭାଜପା ବିଧାୟକ ପ୍ରାର୍ଥୀ ମଦନମୋହନ ଦତ୍ତ ମାରାଥନ ପ୍ରଚାର କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀରାମପୁର, ରସଲପୁର, କଷିପଦା, ସିଲଦା, ରୂପ୍‌ସା, ହଳଦୀପଦା, ଓଲନ୍ଦା ସାରଗାଁ, ସିନ୍ଧିଆ ଓ ବଇଁଚା ପଞ୍ଚାୟତଠାରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଭାଜପା ନେତା ଓ କର୍ମୀ ବାଲେଶ୍ୱର ସହରକୁ ବିକାଶର ଶିଖରରେ ପହଞ୍ଚାଇବାକୁ ସଂକଳ୍ପବଦ୍ଧ ହୋଇଥିଲେ। ସଭାରେ ବିଧାୟକ ପ୍ରାର୍ଥୀ ମଦନମୋହନ ଲୋକମାନଙ୍କୁ ପରିବର୍ତ୍ତନ କରିବା ପାଇଁ ଆହ୍ୱାନ ଦେଇ ଭାଜପା ସରକାରକୁ ଆସିଲେ ସମସ୍ତ ଗରିବଙ୍କୁ ସ୍ଥାୟୀ ପଟ୍ଟା ସହ ପକ୍କା ଘର ଏବଂ ବେରୋଜଗାରକୁ ରୋଜଗାର ଦିଆଯିବ ବୋଲି ମତପୋଷଣ କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ଫାଣ୍ଡିଛକଠାରୁ ନୂଆବଜାର ଅଭିମୁଖେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଆଗାମୀ ନିର୍ବାଚନରେ ବାଲେଶ୍ୱର ଲୋକସଭା ଓ ସମସ୍ତ ବିଧାନସଭା ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। ଏହି ପଥପ୍ରାନ୍ତ ସଭାରେ ଗଙ୍ଗାଧର ରାଉତ, ସୀତାକାନ୍ତ ସ୍ୱାଇଁ, ଚିତ୍ତରଞ୍ଜନ ପଣ୍ଡା, ରବିନାରାୟଣ ମହାପାତ୍ର, ଶୁଭଙ୍କର ମହାପାତ୍ର, ସତ୍ୟଜିତ ମିଶ୍ର, ଗୌରାଙ୍ଗ ଦାସ, ଲୋକନାଥ ଭୂୟାଁ, ବିଜୟ ଦାସ, ତପନ ଗିରି, ଅଜୟ ସାହୁ, ଯୋଗେନ ରଣା, ସୁଜିତ ଦେବ, ବିଭୁପଦ ଦାସ, ମଣ୍ଟୁ ପେରିୱାଲ, ଧିରଜ ମହାନ୍ତି, ବିକାଶ ପାଢୀ, ତ୍ରୈଲୋଚନ ଦାସ, ମନୋଜ ଆଚାର୍ଯ୍ୟ, ରିତ ପ୍ରଧାନ, ରିତ ପୃଷ୍ଟି, ବିନୟ ମହାରଣା, ସ୍ୱରଝଙ୍କାର ସେଠୀ, ଅରୁପ ଜେନା, ରାଜେଶ ମହାପାତ୍ର, ଜୀବନ ପାତ୍ର, ସ୍ୱାଧୀନ ପଣ୍ଡା, ଅଭିଜିତ ଭୂୟାଁ, ପବନ କମିଳା, ଜିତେନ୍ଦ୍ର ଷଡ଼ଙ୍ଗୀ ସମେତ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଭାଜପା ପ୍ରାର୍ଥୀଙ୍କ ମେଗା ରୋଡ୍ ଶୋ


ରୋଡ୍ ଶୋରେ ଭାଜପା ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଓ ବିଧାୟକ ପ୍ରାର୍ଥୀ ପ୍ରଦୀପ ନାୟକ।

**ଭଦ୍ରକ ଅଫିସ, ୧୯।୪**

ଭଦ୍ରକରେ ନିର୍ବାଚନୀ ବାତାବରଣ କ୍ରମେ ଉଷ୍ମ ହେବାରେ ଲାଗିଛି। ୩ ପ୍ରମୁଖ ଦଳ ବିଜେଡି, କଂଗ୍ରେସ ଓ ଭାଜପା ପକ୍ଷରୁ ପ୍ରତ୍ୟେକ ଦିନ ବିଭିନ୍ନ ୱାର୍ଡ ଓ ପଞ୍ଚାୟତରେ ରୋଡ୍ ଶୋ, ପଥପ୍ରାନ୍ତ ସଭା ଓ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଭାଜପାର ଭଦ୍ରକ ଲୋକ ସଭା ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଓ ବିଧାୟକ ପ୍ରାର୍ଥୀ ଡା. ପ୍ରଦୀପ ନାୟକ ମେଗା ରୋଡ୍ ଶୋରେ ଭଦ୍ରକ ପୌରାଞ୍ଚଳ ପରିକ୍ରମା କରି ସମର୍ଥକଙ୍କ ଭୋଟଭିକ୍ଷା କରିଛନ୍ତି। ନେହେରୁ ଷ୍ଟାଡିୟମରୁ ରୋଡ୍‌ଶୋ ବାହାରି ରାଜଘାଟ ଛକ ଦେଇ ପୁରୁଣାବଜାର ଅଞ୍ଚଳ ପରିକ୍ରମା କରିଥିଲା। ବିଭିନ୍ନ ସ୍ଥାନରେ ଲୋକେ ଉଭୟ ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

ଏହି ଅବସରରେ କେତେକ ସ୍ଥାନରେ ପଥପ୍ରାନ୍ତ ସଭାର ଆୟୋଜନ କରାଯାଇଥିଲା। ବିଧାୟକ ପ୍ରାର୍ଥୀ ଡା. ନାୟକ ଉଦ୍‌ବୋଧନରେ ବିଜେଡିର ୧୮ବର୍ଷ ଶାସନ କାଳରେ ବିକାଶ କ୍ଷେତ୍ରରେ ଭଦ୍ରକ ବହୁ ପଛରେ ପଡ଼ିଛି ବୋଲି କହିଥିଲେ। ବିଜେଡିରୁ ପ୍ରତିନିଧିତ୍ୱ କରିଆସିଥିବା ନେତୃମଣ୍ଡଳୀଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁ ବିକାଶ ଭଦ୍ରକବାସୀଙ୍କ ପାଇଁ ଏକ ସ୍ୱପ୍ନ ହୋଇ ରହିଯାଇଛି ବୋଲି ସେ ବକ୍ତବ୍ୟ ରଖିଥିଲେ। ବିଜେଡି ଏବେ ଚଳାଇଥିବା ଗୁଣ୍ଡାରାଜ ଓ ଦୁର୍ନୀତିକୁ ଲୋକେ ଭଲ ଭାବେ ବୁଝିଛନ୍ତି ଏବଂ ଏଥର ପରିବର୍ତ୍ତନ ନିଶ୍ଚିତ ହେବ ବୋଲି ସେ ଦୃଢ଼ୋକ୍ତି ବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ଏମ୍‌ପି ଅର୍ଜୁନ ଚରଣ ସେଠୀ, ଅମ୍ବିକା ଦାସ, ତପନ ମହାନ୍ତି, ଶରତ ପଡ଼ିଆରୀ, ବିଦ୍ୟାଧର ସାହୁ, ବିକାଶ ଶ୍ରେଷ୍ଠା, ଉତ୍ତମ ପାତ୍ର, ଭଗବାନ ପଣ୍ଡା, ଆଦିକନ୍ଦ ନାୟକ, ଉଜ୍ୱଳ ନାଥ, ଅମରେଶ ନାୟକ, ଶଶାଙ୍କ ମିଶ୍ର, ପ୍ରତାପ ନାୟକ, ଲାଲା ଧିରଞ୍ଜନ ରାୟ, ବୃଷଭାନୁ ସାହୁ, ରାଜେନ୍ଦ୍ର ସାହୁଙ୍କ ସମେତ ଶତାଧିକ କର୍ମୀ ବାଇକ୍ ଶୋଭାଯାତ୍ରାରେ ସାମିଲ ଥିଲେ।

## ଭୋଗରାଇରେ ଭାଜପାର ଶକ୍ତିପ୍ରଦର୍ଶନ

**ଭୋଗରାଇ, ୧୯।୪(ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇ ବିଧାନସଭା କ୍ଷେତ୍ରରେ ଶୁକ୍ରବାର ଅପରାହ୍ନରେ ଭାଜପା ପକ୍ଷରୁ ଏକ ବାଇକ ରାଲି କରାଯାଇ ଶକ୍ତି ପ୍ରଦର୍ଶନ କରାଯାଇଛି। ବଡ଼ମନ୍ଦାରୁଣୀ ଛକରୁ ବହୁ ଭାଜପା ସମର୍ଥନକାରୀ ଦଳୀୟ ପତାକା ଓ ମୁଣ୍ଡରେ ମୋଦିଙ୍କ ମୁଖାପିନ୍ଧି ବାଇକ୍ ଶୋଭାଯାତ୍ରାରେ ଚନ୍ଦନେଶ୍ୱର ଅଭିମୁଖେ ଯାଇଥିଲେ। ଓଡ଼ିଶାରେ ମୋଦିଙ୍କ ମିଶନ ସଫଳ ପାଇଁ ପଦ୍ମ ଫୁଲ ଚିହ୍ନରେ ବିଧାୟକ ଏବଂ ଏମ୍‌ପି ପ୍ରାର୍ଥୀଙ୍କୁ ଜୟଯୁକ୍ତ କରିବାକୁ ଭାଜପା ସମର୍ଥନକାରୀମାନେ ନାରାବାଜି ପ୍ରଦର୍ଶନ କରିଥିଲେ। ଭାଜପା ବିଧାୟକ ପ୍ରାର୍ଥୀ ଅଂଶୁମାନ ମହାନ୍ତି, ବାଲେଶ୍ୱର ଏମ୍‌ପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଖୋଲା ଜିପ୍‌ରେ ଚନ୍ଦନେଶ୍ୱର ଅଭିମୁଖେ ସମର୍ଥନକାରୀମାନେ ନେଇ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହି ଶୋଭାଯାତ୍ରାରେ ଯୁବନେତା ଆଶିଷ କୁମାର ମହାନ୍ତି, ସଞ୍ଜିବ କୁମାର ସାହୁ, ସୁନୀଲ କୁମାର କର, ଅମଳେନ୍ଦୁ ଦାସ, ଭାଗୀରଥ ପୃଷ୍ଟି, ନୀଳକଣ୍ଠ ଘୋଷ ଓ ବନମାଳି ଦାସ ପ୍ରମୁଖ ଛାମୁଆନେତାମାନେ ଶୋଭାଯାତ୍ରା ପରିଚାଳନା କରିଥିଲେ।


ଭାଜପାର ବାଇକ୍ ଶୋଭାଯାତ୍ରା।

# ‘ଚାଷୀଙ୍କ ଉନ୍ନତି ପାଇଁ କଂଗ୍ରେସ ସଂକଳ୍ପବଦ୍ଧ’

## ନିରଞ୍ଜନଙ୍କ ରୋଡ୍ ଶୋ, ପରିବର୍ତ୍ତନ ସଭା

**ଭଣ୍ଡାରିପୋଖରୀ, ୧୯।୪ (ଡି.ଏନ.ଏ.)**

ଏବେ ୬୦ ଲକ୍ଷ ଯୁବକ ବାହାର ରାଜ୍ୟରେ ଶ୍ରମିକ ହୋଇ କାମ କରୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୧୯ ବର୍ଷ ଶାସନ କାଳରେ ଓଡ଼ିଶାରେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଲା ନାହିଁ। ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶାସନ ପରଠାରୁ ଭଦ୍ରକ ଜିଲାରେ ଶିଳ୍ପ ପ୍ରତିଷ୍ଠା ଠପ୍ ହୋଇଯାଇଛି। ଧାମନଗର ଛକଠାରେ ଚିନିକଳ ପ୍ରତିଷ୍ଠା ଲାଗି କଂଗ୍ରେସ ସମୟରେ ଜମି ଅଧିଗ୍ରହଣ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଏଯାଏ କାରାଖାନା ବସାଇ ପାରିଲେ ନାହିଁ। କଂଗ୍ରେସ ଶାସନକୁ ଆସିଲେ ନୂତନ ଶିଳ୍ପାୟନ ହେବ। ବର୍ତ୍ତମାନ ରାଜ୍ୟର ଚାଷୀ ଧାନ ବିକି ପଇସା ପାଉନାହାନ୍ତି। କଂଗ୍ରେସ କ୍ଷମତାକୁ ଆସିଲେ ପରିବର୍ତ୍ତନ ଆସିବ। ଚାଷୀଙ୍କ ଉନ୍ନତି ପାଇଁ କଂଗ୍ରେସ ସଂକଳ୍ପବଦ୍ଧ ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ତଥା ଭଣ୍ଡାରିପୋଖରୀ ବିଧାନସଭା ଆସନର କଂଗ୍ରେସ ପ୍ରାର୍ଥୀ ନିରଞ୍ଜନ ପଟ୍ଟନାୟକ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ପରିବର୍ତ୍ତନ ସଭାରେ କହିଛନ୍ତି।



ପରିବର୍ତ୍ତନ ସଭାରେ ଯୋଗ ଦେଇଥିବା କଂଗ୍ରେସ ନେତୃବୃନ୍ଦ ଓ ଅନ୍ୟମାନେ।

ଭଣ୍ଡାରିପୋଖରୀ ବ୍ଲକ ଚନ୍ଦ୍ରଭାନୁପୁର ପଡ଼ିଆଠାରେ ଆୟୋଜିତ ଏହି ସଭାରେ କଂଗ୍ରେସ ନେତା ସୁବ୍ରତ ଦାସ ସଭାପତିତ୍ୱ କରିଥିଲେ। ନିରଞ୍ଜନ ସ୍ଥାନୀୟ ତହସିଲ ପଡ଼ିଆରେ ହେଲିକପ୍ଟରରୁ ଓହ୍ଲାଇ ରୋଡ୍‌ଶୋରେ ଭଣ୍ଡାରିପୋଖରୀ ବଜାର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲେ। ତାଙ୍କ ସହିତ ଭଦ୍ରକ ଏମ୍‌ପି ପ୍ରାର୍ଥୀ ମଧୁମିତା ସେଠୀ, ପିସିସି ଉପସଭାପତି ତଥା ମୁଖପାତ୍ର ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ଅନନ୍ତ ପ୍ରସାଦ ସେଠୀ, ପ୍ରଦୀପ ମାଝି, ଏଆଇସିସି ପ୍ରଭାରୀ ରାମଚନ୍ଦ୍ର ଖୁଣ୍ଟିଆ, ଚଳଚ୍ଚିତ୍ର ଅଭିନେତ୍ରୀ ଅଙ୍କିତା ଦାସ, ଉଦୟ ନାରାୟଣ ନନ୍ଦ, ଭଣ୍ଡାରିପୋଖରୀ ବ୍ଲକ ଅଧ୍ୟକ୍ଷା ମଞ୍ଜୁଶ୍ରୀ ବେହେରା, ମହିଳା କଂଗ୍ରେସ ସଭାନେତ୍ରୀ ସବିତା ଚନ୍ଦ, ବଦ୍ରିନାଥ ପଟ୍ଟନାୟକ, ସ୍ମୃତିରଞ୍ଜନ ସ୍ୱାଇଁ, ରମେଶ ଭାରତୀ, ସରପଞ୍ଚ ବିଜୟ ଶଙ୍କର ମହାନ୍ତି ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ କାଳିଆ ଓ ପିଠା ଯୋଜନାକୁ ସମାଲୋଚନା କରିଥିଲେ। ନିରଞ୍ଜନ କହିଥିଲେ, କଂଗ୍ରେସ କ୍ଷମତାକୁ ଆସିଲେ ଚାଷୀଙ୍କ ଋଣଛାଡ଼ ହେବ, ସେମାନଙ୍କୁ ସୋଲାର ପମ୍ପ ଯୋଗାଇ ଦିଆଯିବା ସହ ପ୍ରତ୍ୟେକ ବ୍ଲକରେ ଶୀତଳଭଣ୍ଡାର ହେବ। ୩ ବର୍ଷ ପର୍ଯ୍ୟନ୍ତ ଚାଷୀଙ୍କୁ ୧୦ ହଜାର ଟଙ୍କା ଲେଖାଏ ଚାଷ ପାଇଁ ପ୍ରଦାନ କରାଯିବ। ସେମାନେ ୨ ହଜାର ୬୦୦ ଟଙ୍କାରେ ଧାନ ବିକ୍ରି କରିବେ। ବେକାର ଯୁବକ ଯେ ପର୍ଯ୍ୟନ୍ତ ଚାକିରି ନ ପାଇଛନ୍ତି ସେମାନଙ୍କୁ ୩ ହଜାର ଟଙ୍କା ଭତ୍ତା ଦିଆଯିବା ଭଳି ଅନେକ ସ୍ୱପ୍ନ ଦେଖାଇଥିଲେ ନିରଞ୍ଜନ। ଆପଣମାନେ ମୋତେ ଏବଂ ଏମ୍‌ପି ପ୍ରାର୍ଥୀ ମଧୁମିତାଙ୍କୁ ଥରେ ସୁଯୋଗ ଦିଅନ୍ତୁ ବୋଲି ନିରଞ୍ଜନ ନିବେଦନ କରି କଂଗ୍ରେସ ଯାହା କହେ ତାହା କରେ ବୋଲି କହିଥିଲେ। ଏହି ଅବସରରେ ଜଳମଣ୍ଡୁଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ଧରିତ୍ରୀ ଜେନା, ରମାକାନ୍ତ ସେଠୀ, ନଗୁଁଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁବାସ ଗୋଛାୟତ, ଦେବାଶିଷ ସାହୁ, ସନ୍ତୋଷ ଜେନା ପ୍ରମୁଖ ବିଜେଡି ଛାଡି କଂଗ୍ରେସରେ ସାମିଲ ହୋଇଥିଲେ। ବିଜୟ ଶଙ୍କର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

